ଅନୁମତି ଅନୁଯାୟୀ ପ୍ରାୟ ୧୨.୩୫ ଏକର/୫ ହେକ୍ଟର ଅଞ୍ଚଳରୁ ପ୍ରତିବର୍ଷ ୨,୦୦୦ ଘନମିଟର ଲାଟେରାଇଟ୍ ପଥର ଉତ୍ତୋଳନ ପାଇଁ ଅନୁମୋଦନ ଥିବା ରିପୋର୍ଟରେ କୁହାଯାଇଛି।

ଆବେଦନକାରୀଙ୍କ ମୁଖ୍ୟ ଅଭିଯୋଗଗୁଡ଼ିକ ହେଲା—ଅନୁମୋଦିତ ପରିମାଣଠାରୁ ଅଧିକ ଲାଟେରାଇଟ୍ ଖନନ

ଅନୁମୋଦିତ ଗଭୀରତାଠାରୁ ଅଧିକ ଖନନ

ଲିଜ୍ ଅଞ୍ଚଳ ବାହାରେ ଖଣି ଖନନ

ଗାଁ ରାସ୍ତା ଦେଇ ଖଣିଜ ପରିବହନ

ସୁରକ୍ଷା ଜୋନ୍‌ର ନିୟମ ପାଳନ ନକରିବା

Green Belt ବିକଶିତ ନକରିବା

Progressive Mine Closure Plan ପାଳନ ନକରିବା

ଆବଶ୍ୟକ Quarterly Compliance Report ଦାଖଲ ନକରିବା

ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସର୍ତ୍ତ ପାଳନ ନକରିବା

ଏହି ସମସ୍ତ ଅଭିଯୋଗର ସତ୍ୟତା ଯାଞ୍ଚ କରିବାକୁ NGT କମିଟିକୁ ଦାୟିତ୍ୱ ଦେଇଛନ୍ତି।

ଅଭିଯୋଗ ଅନୁସାରେ, Environmental Clearanceରେ ଖଣି ଅଞ୍ଚଳର ଆପ୍ରୋଚ୍ ରୋଡ୍, ସୁରକ୍ଷା ଜୋନ୍ ଓ ସାମୁଦାୟିକ ଅଞ୍ଚଳରେ ୧,୦୦୦ଟି ସ୍ଥାନୀୟ ପ୍ରଜାତିର ଚାରା ରୋପଣ ଓ ସୁରକ୍ଷା କରିବାର ସର୍ତ୍ତ ରହିଥିବା କୁହାଯାଇଛି।

କିନ୍ତୁ ଆବେଦନକାରୀଙ୍କ ଅଭିଯୋଗ ହେଉଛି, ଲିଜ୍‌ଧାରୀଙ୍କ ପକ୍ଷରୁ ଏହି ଚାରାରୋପଣ କରାଯାଇନାହିଁ। ଏପରିକି ଲିଜ୍ ଅଞ୍ଚଳ ଓ ଆଖପାଖରେ ଥିବା ଗଛ କାଟିବା ଅଭିଯୋଗ ମଧ୍ୟ ରହିଛି।

ଖଣି ଖନନର ପ୍ରକୃତ ପରିମାଣ ଜାଣିବା ପାଇଁ ORSAC ଦ୍ୱାରା satellite-based remote sensing audit କରାଯାଉ ବୋଲି ଆବେଦନକାରୀ ଦାବି କରିଛନ୍ତି।

ଏହା ଦ୍ୱାରା Environmental Clearance ମିଳିବା ପରଠାରୁ ଲିଜ୍ ଅଞ୍ଚଳ ଭିତରେ ଓ ବାହାରେ କେତେ ପରିମାଣର ଖଣିଜ ଉତ୍ତୋଳନ ହୋଇଛି, ତାହା ଆକଳନ କରିବା ସମ୍ଭବ ବୋଲି ଆବେଦନରେ ଦର୍ଶାଯାଇଛି।

NGTର ଯୁଗ୍ମ କମିଟିରେ କିଏ?

NGT ଗଠନ କରିଥିବା କମିଟିରେ—

MoEF&CCର Integrated Regional Office, Bhubaneswar,

Odisha State Pollution Control Board (OSPCB)

ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପ୍ରତିନିଧି ରହିବେ।

ଖୋର୍ଦ୍ଧା ଜିଲ୍ଲାପାଳ/ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ କମିଟିର କାର୍ଯ୍ୟ ସମନ୍ୱୟ ଓ ଆଦେଶ ପାଳନର ନୋଡାଲ୍ ଅଧିକାରୀ କରାଯାଇଛି।

NGTର ନିର୍ଦ୍ଦେଶ ଅନୁସାରେ କମିଟି—

ଘଟଣାସ୍ଥଳ ପରିଦର୍ଶନ କରିବ, ଅଭିଯୋଗଗୁଡ଼ିକ ଯାଞ୍ଚ କରିବ, ଆବେଦନକାରୀ ଓ ପ୍ରକଳ୍ପ ପକ୍ଷର ପ୍ରତିନିଧିଙ୍କୁ ଯାଞ୍ଚ ପ୍ରକ୍ରିୟାରେ ସାମିଲ କରିବ ଏବଂ ଆବଶ୍ୟକ ପ୍ରତିକାରମୂଳକ ପଦକ୍ଷେପ ସୁପାରିସ କରିବ।କମିଟିକୁ ଏକ ମାସ ମଧ୍ୟରେ ରିପୋର୍ଟ NGTରେ ଦାଖଲ କରିବାକୁ କୁହାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ୨୬ ଅକ୍ଟୋବର ୨୦୨୬ରେ ହେବ।ଲାଟେରାଇଟ୍ ଖଣି ରାଜ୍ୟର ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହୋଇପାରେ। କିନ୍ତୁ ଖଣିଜ ସମ୍ପଦର ବ୍ୟବହାର ଯଦି ପରିବେଶୀୟ ନିୟମ ଓ ଅନୁମୋଦିତ ସୀମା ମଧ୍ୟରେ ନ ହୁଏ, ତେବେ ତାହାର ପ୍ରଭାବ ମାଟି, ଜଳସ୍ରୋତ, ବୃକ୍ଷ ଓ ସ୍ଥାନୀୟ ପରିବେଶ ଉପରେ ପଡ଼ିପାରେ।

ଓଲାସିଂହ କ୍ୱାରି-Bକୁ ନେଇ ଉଠିଥିବା ଅଭିଯୋଗ ତେଣୁ କେବଳ ଖଣି ଖନନର ପ୍ରଶ୍ନ ନୁହେଁ। ଏହା ନିୟମ ପାଳନ, ପ୍ରଶାସନିକ ନଜରଦାରୀ, ପରିବେଶ ସୁରକ୍ଷା ଓ ଖଣିଜ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସହ ଜଡ଼ିତ।

ଏବେ ସମସ୍ତଙ୍କ ନଜର NGT ଗଠିତ ଯୁଗ୍ମ କମିଟିର ରିପୋର୍ଟ ଉପରେ। ଅଭିଯୋଗଗୁଡ଼ିକ କେତେ ସତ୍ୟ, କେତେ ପରିମାଣର ଖଣିଜ ଉତ୍ତୋଳନ ହୋଇଛି, ପରିବେଶୀୟ କ୍ଷତି ହୋଇଛି କି ନାହିଁ ଏବଂ ଯଦି ହୋଇଛି ତେବେ ଦାୟୀ କିଏ—ଏହାର ଉତ୍ତର କମିଟି ରିପୋର୍ଟ ଓ ପରବର୍ତ୍ତୀ NGT ଶୁଣାଣିରେ ସ୍ପଷ୍ଟ ହେବ।

## ଜିଲ୍ଲା ସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ

ଖୋରଧା ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ସାଫଲ୍ୟ ମଣ୍ଡିତ ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ସଙ୍କଟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଉପାୟୁକ୍ତ ଭୁବନେଶ୍ୱର କମିଶନରେଟ ପୋଲିସ୍ ଶ୍ରୀ ସୁନାରାମ ହେମ୍ବ୍ରମ୍, ଉପ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଅବନିକାନ୍ତ ନାୟକ, ସହକାରୀ ନିର୍ଦ୍ଦେଶକ, କାରଖାନା ଓ ବାଷ୍ପୀୟ ଚନ୍ଦ୍ରକାନ୍ତ ଦଳାଇ, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରତ୍ୟେକ କାରଖାନା, ଚିକିତ୍ସାଳୟ, ବିଦ୍ୟାଳୟ ମାନଙ୍କରେ ଯେଉଁଳି ଅଗ୍ନି ନିର୍ବାପକ ଯନ୍ତ୍ର ନିଶ୍ଚିତ ଭାବରେ ମହଜୁଦ ଥାଏ ସେଥି ପ୍ରତି ଅଗ୍ନିଶମ ଅଧିକାରୀ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଅଧ୍ୟକ୍ଷ ଖୋରଧା ଜିଲ୍ଲା ରେ ଥିବା ମୋଟ ଛୋଟ ମୋଟ ୮୫୫ ଶିଳ୍ପ କାରଖାନାର ସଙ୍କଟ ଜନିତ ପରିଚାଳନା ସମୀକ୍ଷା କରି ଉପଖଣ୍ଡ ସ୍ତରୀୟ ସଙ୍କଟ ପରିଚାଳନା କମିଟି ଆୟୋଜନ କରିବାକୁ ଉପ ନିର୍ଦ୍ଦେଶକ କାରଖାନା ଓ ବାଷ୍ପୀୟ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋରଧା ଜାତୀୟ ମାର୍ଗ ଦେଇ ପରିବହନ କରୁଥିବା ଗ୍ୟାସ ଜାନଗୁଡ଼ିକରେ ସୁରକ୍ଷା ବିଧେୟ ସୂଚନା ଲେଖିବା ଉପରେ ଅଧ୍ୟକ୍ଷ ଗୁରୁତ୍ୱାରୋପ କରିଥିଲେ । ଭାରତୀୟ ତୈଳ ନିଗମ, ରନ୍ଧନ ଗ୍ୟାସ କାରଖାନା, ଭୁବନେଶ୍ୱର, ଜଳ ନିଗମ , ଭୁବନେଶ୍ୱର ର ଜଳ ବିଶୁଦ୍ଧିକରଣ ପ୍ଲାଣ୍ଟ, ଭାରତୀୟ ଗ୍ୟାସ କର୍ତ୍ତୃପକ୍ଷ (ଗେଲ ଇଣ୍ଡିଆ) ଲିମିଟେଡ, ଭୁବନେଶ୍ୱର, ଓଡ଼ିଶା ପରିମଳ ବିଶୁଦ୍ଧି କରଣ ପ୍ଲାଣ୍ଟ, ସାମ୍ବ୍ରୀ ଖାଦ୍ୟ ଉତ୍ପାଦନ କାରଖାନା, ଭାରତୀୟ ତୈଳ ନିଗମ ପାଇପ୍ ଲାଇନ୍ ଡିଭିଜନ, ଜଟଣୀ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅପତ୍ତ କାଳୀନ ସମୟରେ ସୁରକ୍ଷା ନିମନ୍ତେ ମକ୍ ଡ୍ରିଲ ଓ ଗୋଷ୍ଠିଗତ ସଚେତନତା ଅଭିଯାନ ଉପରେ ଅଧ୍ୟକ୍ଷ ସମୀକ୍ଷା କରିଥିଲେ। ବୈଠକରେ ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀ ଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗ ଦେଇଥିଲେ। ଶେଷରେ ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# କଟକରେ ୫ କୁଇଣ୍ଟାଲ ସନ୍ଦିଗ୍ଧ ଭେଜାଲ ପନିର ଜବତ

## ନିଆଳିରୁ ବାଦାମବାଡ଼ି ଆସୁଥିଲା ପନିର; CMC ଫୁଡ୍ ସେଫ୍ଟି ଟିମ୍‌ର ଚଢ଼ାଉ

କଟକ,,୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ପାର୍ବଣ ଋତୁ ପୂର୍ବରୁ କଟକ ସହରରେ ଖାଦ୍ୟ ଭେଜାଲ ବିରୋଧରେ ଚଢ଼ାଉ ଜୋରଦାର ହୋଇଛି। ଏହି କ୍ରମରେ କଟକ ମହାନଗର ନିଗମ (CMC)ର ଫୁଡ୍ ସେଫ୍ଟି ଟିମ୍ ବାଦାମବାଡ଼ି ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ୫ କୁଇଣ୍ଟାଲ ସନ୍ଦିଗ୍ଧ ଭେଜାଲ ପନିର ଜବତ କରିଛି।

CMC ଫୁଡ୍ ସେଫ୍ଟି ଅଧିକାରୀଙ୍କୁ ମିଳିଥିବା ସୂଚନା ଆଧାରରେ ଏହି ଚଢ଼ାଉ କରାଯାଇଥିଲା। ସୂଚନା ଥିଲା ଯେ ନିଆଳିରୁ ବହୁ ପରିମାଣର ସନ୍ଦିଗ୍ଧ ଭେଜାଲ ପନିର କଟକର ବାଦାମବାଡ଼ି ଅଞ୍ଚଳକୁ ପରିବହନ କରାଯାଉଛି।

ଏହାପରେ ଫୁଡ୍ ସେଫ୍ଟି ଟିମ୍ ଯାଞ୍ଚ କରି ପନିର ଭର୍ତ୍ତି ଗାଡ଼ିକୁ ଅଟକାଇଥିଲା। ଗାଡ଼ିରୁ ପ୍ରାୟ ୫ କୁଇଣ୍ଟାଲ ପନିର ଜବତ କରାଯାଇଥିଲା।

ଜବତ ପନିରକୁ ଅଧିକାରୀମାନେ ପ୍ରାଥମିକ ଭାବେ ଯାଞ୍ଚ କରିଥିଲେ। ଏଥିରେ ସ୍ୱାଦ ଆଧାରିତ ପ୍ରାରମ୍ଭିକ ପରୀକ୍ଷା ମଧ୍ୟ କରାଯାଇଥିଲା। ଅଧିକାରୀଙ୍କ କହିବା ଅନୁସାରେ, ଜବତ ପନିରର ଅଧିକାଂଶ ଭାଗ ଭେଜାଲ ହୋଇଥିବାର ସନ୍ଦେହ ରହିଛି।

ତେବେ ଏହାରେ କେଉଁ ପଦାର୍ଥ ମିଶାଯାଇଥିଲା, କେତେ ପରିମାଣରେ ଭେଜାଲ ଥିଲା ଏବଂ ଏହା ଖାଇବା ପାଇଁ କେତେ ଅସୁରକ୍ଷିତ—ସେସବୁ ନିଶ୍ଚିତ କରିବା ପାଇଁ ଲାବରେଟୋରୀ ପରୀକ୍ଷା ଆବଶ୍ୟକ।

CMC ଅଧିକାରୀମାନେ ଜବତ ପନିରର ନମୁନା ସଂଗ୍ରହ କରି ଅଧିକ ପରୀକ୍ଷା ପାଇଁ ପଠାଇବାର ପଦକ୍ଷେପ ନେଉଛନ୍ତି। ଲାବରେଟୋରୀ ରିପୋର୍ଟ ଆସିବା ପରେ ପନିରରେ ପ୍ରକୃତରେ କେଉଁ ପ୍ରକାରର ଭେଜାଲ ରହିଛି ତାହା ସ୍ପଷ୍ଟ ହେବ।

ଏହି ଘଟଣାର ସବୁଠାରୁ ବଡ଼ ପ୍ରଶ୍ନ ହେଉଛି—୫ କୁଇଣ୍ଟାଲ ପନିର କଟକର କେଉଁ କେଉଁ ବ୍ୟବସାୟୀ କିମ୍ବା ଦୋକାନକୁ ଯିବାର ଥିଲା?

ଏହି ପନିର କେବଳ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିବହନ ହେଉଥିଲା ନା ଏହା ପଛରେ ଏକ ବଡ଼ ଯୋଗାଣ ନେଟୱର୍କ ରହିଛି—ସେ ଦିଗରେ ତଦନ୍ତ ଗୁରୁତ୍ୱପୂର୍ଣ୍ଣ।

ଫୁଡ୍ ସେଫ୍ଟି ଅଧିକାରୀମାନେ ଏହି ମାମଲାରେ ସମ୍ପୃକ୍ତ ପରିବହନକାରୀ ଓ ଯୋଗାଣକାରୀଙ୍କ ବିରୋଧରେ ଖାଦ୍ୟ ସୁରକ୍ଷା ନିୟମ ଅନୁସାରେ ପଦକ୍ଷେପ ନେବାର ସଙ୍କେତ ଦେଇଛନ୍ତି।

ପାର୍ବଣ ସମୟରେ ପନିର, ଛେନା, ଖୋଆ, ମିଠା ଓ ଅନ୍ୟାନ୍ୟ ଦୁଗ୍ଧଜାତ ଖାଦ୍ୟର ଚାହିଦା ବଢ଼ିଥାଏ। ଏହାର ସୁଯୋଗ ନେଇ ଭେଜାଲ ଖାଦ୍ୟ ବଜାରକୁ ଆସିବାର ଆଶଙ୍କା ରହିଥାଏ।

କଟକ ଓ ଭୁବନେଶ୍ୱରରେ ଚଳିତ ମାସରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ସମୟରେ ପ୍ରାୟ ୭୧ କୁଇଣ୍ଟାଲ ଭେଜାଲ ପନିର ଏବଂ ୭୬ କିଲୋଗ୍ରାମ ବାସି ଖାଦ୍ୟ ଜବତ/ନଷ୍ଟ କରାଯାଇଥିବା ରିପୋର୍ଟ ମଧ୍ୟ ପ୍ରକାଶ ପାଇଛି।

୫ କୁଇଣ୍ଟାଲ ପନିର ଧରାପଡ଼ିବା ଏକ ଘଟଣା ମାତ୍ର। ପ୍ରଶ୍ନ ହେଉଛି—ଏଭଳି ଭେଜାଲ ପନିର କଟକର ବଜାରକୁ କେତେ ପରିମାଣରେ ପହଞ୍ଚୁଛି?

ନିଆଳିରୁ କଟକ ପର୍ଯ୍ୟନ୍ତ ଏହି ଯୋଗାଣ ଶୃଙ୍ଖଳାରେ ଆଉ କେତେ ଲୋକ ସମ୍ପୃକ୍ତ? କେଉଁ ବ୍ୟବସାୟୀମାନେ ଏହାକୁ କିଣିବାକୁ ଥିଲେ? ଏବଂ ଏହା ପୂର୍ବରୁ କେତେ ଦିନ ଧରି ଏଭଳି ପନିର ବଜାରକୁ ଆସୁଥିଲା?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଲାବ୍ ରିପୋର୍ଟ ଓ ଅଧିକାରୀଙ୍କ ପରବର୍ତ୍ତୀ ତଦନ୍ତରୁ ମିଳିବ।

ସାଧାରଣ ଲୋକଙ୍କ ପାଇଁ ସତର୍କତା: ପନିର କିଣିବା ସମୟରେ ଉତ୍ପାଦର ଲେବଲ୍, ଉତ୍ପାଦନ ତାରିଖ, ମାଦ ଓ ପ୍ୟାକେଜିଂ ଯାଞ୍ଚ କରନ୍ତୁ।

# କଟକ ଜିଲ୍ଲାରେ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

## କାର୍ ଅଟକାଇ ୬ ଜଣଙ୍କ ଆକ୍ରମଣ; ଜଣେ ପରେ ଜଣେ ଗିରଫ

କଟକ ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): କଟକ ଜିଲ୍ଲାର ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଅଭିଯୋଗ ଘଟଣା ଅଗଷ୍ଟ ମାସରେ ସାରା ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ର ପାଲଟିଥିଲା। ପୁଲିସ ଅନୁସାରେ, କଟକ–ଚାନ୍ଦବାଲି ରାସ୍ତାରେ ମହିଳା ଜଣକ ଜଣେ ପୁରୁଷ ବନ୍ଧୁଙ୍କ ସହ କାର୍‌ରେ ଯାଉଥିବା ବେଳେ ଏକ ଗୋଷ୍ଠୀ ତାଙ୍କ ଗାଡ଼ିକୁ ଅଟକାଇଥିଲେ।ପୁଲିସର ପ୍ରାଥମିକ ତଥ୍ୟ ଅନୁଯାୟୀ, ଅଭିଯୁକ୍ତମାନେ କାର୍‌ର କାଚ ଭାଙ୍ଗି ମହିଳା ଓ ତାଙ୍କ ବନ୍ଧୁଙ୍କୁ ଟାଣି ବାହାର କରିଥିଲେ। ପରେ ଉଭୟଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇଯାଇଥିବା ଏବଂ ପୁରୁଷ ବନ୍ଧୁଙ୍କୁ ଅଲଗା କରି ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ରହିଛି।



ଘଟଣା ପରେ କଟକ ପୁଲିସ ତଦନ୍ତକୁ ଜୋରଦାର କରିଥିଲା। ଅଗଷ୍ଟ ୧୩ରେ ପାଞ୍ଚ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଷଷ୍ଠ ଅଭିଯୁକ୍ତଙ୍କୁ ମଧ୍ୟ ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କ ସମ୍ପର୍କ ଏଣ୍ଡା, କୁଦାନଗରୀ ଓ ନେମାଳ ଅଞ୍ଚଳ ସହ ଥିବା ପୁଲିସ କହିଥିଲା।

ଏହି ମାମଲାରେ ଅଭିଯୋଗର ସମ୍ପୂର୍ଣ୍ଣ ସତ୍ୟତା, ଘଟଣାରେ କେଉଁମାନଙ୍କର କେତେ ଭୂମିକା ଥିଲା ଏବଂ ଘଟଣା ପୂର୍ବରୁ ଅଭିଯୁକ୍ତମାନେ ପୀଡ଼ିତାଙ୍କୁ କାହିଁକି ଟାର୍ଗେଟ୍ କରିଥିଲେ—ଏସବୁ ଦିଗରେ ତଦନ୍ତ ଗୁରୁତ୍ୱପୂର୍ଣ୍ଣ ହେବ।ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ପରିଚୟ ସମ୍ପର୍କରେ ସତର୍କତା ଅବଲମ୍ବନ କରାଯାଇଥିଲା, କାରଣ ଟେଷ୍ଟ ଆଇଡେଣ୍ଟିଫିକେସନ୍ ପରେ ପରିଚୟ ନିଶ୍ଚିତ କରିବାର ପ୍ରକ୍ରିୟା ଥିଲା।କଟକ–ଚାନ୍ଦବାଲି ରାସ୍ତାରେ ଘଟିଥିବା ଏହି ଘଟଣା କେବଳ ଏକ ଅପରାଧିକ ମାମଲା ନୁହେଁ; ଏହା ରାତି ସମୟରେ ନିର୍ଜନ ରାସ୍ତା, ଯାତ୍ରୀଙ୍କ ସୁରକ୍ଷା ଏବଂ ପୁଲିସ ପାଟ୍ରୋଲିଂକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଛି।ଅଭିଯୁକ୍ତମାନେ ଗିରଫ ହୋଇଥିବାରୁ ତଦନ୍ତର ଏକ ବଡ଼ ପର୍ଯ୍ୟାୟ ଆଗକୁ ବଢ଼ିଛି। ଏବେ ମାମଲାରେ ଦୃଢ଼ ପ୍ରମାଣ ସଂଗ୍ରହ, ନିରପେକ୍ଷ ତଦନ୍ତ ଏବଂ ପୀଡ଼ିତାଙ୍କୁ ନ୍ୟାୟ ମିଳିବା ହିଁ ପ୍ରମୁଖ ପ୍ରସଙ୍ଗ।

# ଖୋରଧା ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଖୋରଧା ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ଖୋରଧା ବ୍ଲକ ପରିସରରେ ବ୍ଲକ୍ ଉନ୍ନୟନ ଅଧିକାରୀ ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ଅଧ୍ୟକ୍ଷତାରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଖୋରଧା ପଂଚାୟତ ସମିତି ଅଧୀନ ବିଭିନ୍ନ ପ୍ରାନ୍ତରୁ ବହୁ ଅଭିଭାବକ ସମେତ ବିଭିନ୍ନ ଭିନ୍ନକ୍ଷମ ମାନେ ସରକାରଙ୍କ ଯୋଜନାରେ ସାମିଲ ହେବାପାଇଁ ଯୋଗ ଦେଇଥିଲେ । 238 ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଥିବା ବେଳେ ୨୧୧ ଜଣ ଭିନ୍ନ କ୍ଷମଙ୍କ ବିଶେଷଜ୍ଞ ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣ ସମସ୍ୟାରେ 32 ଜଣ, ଅସ୍ଥିଶଲ୍ୟ 56 ଜଣ, ମାନସିକ ବିକାରଗ୍ରସ୍ତ 23 ଜଣ, ଦୃଷ୍ଟି ବାଧିତ 20 ଜଣ ଙ୍କୁ ଚିହ୍ନଟ କରାଯାଇ ସରକାରଙ୍କ ନିୟମାନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋରଧା ଶ୍ରୀ ସିଦ୍ଧାର୍ଥ ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତି ରେ ପ୍ରକାଶ କରିଛନ୍ତି।

# "କ୍ଷୟର ସୌନ୍ଦର୍ଯ୍ୟଶାସ୍ତ୍ର : ଗୁରୁପ୍ରସାଦ ମହାନ୍ତିଙ୍କ 'ଶରତ ରତୁରେ ଜହ୍ନ'ରେ ପ୍ରତୀକ, ଚିତ୍ରକଳ୍ପ ଓ ଅସ୍ତିତ୍ୱବୋଧ"

**ଦିନେଶ ଭୋଇ**

କବି ମହାନ୍ତୀଙ୍କୁ ଆଧୁନିକ ଓଡ଼ିଆ କବିତାର ଜଣେ ଅଗ୍ରଦୂତ ଭାବେ ବିବେଚନା କରାଯାଏ। ସଚ୍ଚି ରାଉତରାୟଙ୍କ ସହିତ ମିଶି ସେ ବିଂଶ ଶତାବ୍ଦୀର ପଞ୍ଚାଶ ଦଶକର ପ୍ରାରମ୍ଭରେ ଓଡ଼ିଆ କବିତାରେ ଆଧୁନିକତାବାଦୀ ଆନ୍ଦୋଳନର ପ୍ରାୟଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସଚ୍ଚି ରାଉତରାୟଙ୍କ ପାଣ୍ଡୁଲିପି (୧୯୪୭) ପ୍ରକାଶର ଆଠ ବର୍ଷ ପରେ, ୧୯୫୫ ମସିହାରେ ତାଙ୍କର ପ୍ରଥମ କବିତା ସଂକଳନ "ନୂତନ କବିତା" ପ୍ରକାଶିତ ହୋଇଥିଲା। ଓଡ଼ିଆ କବିତାର ଗତି ଓ ଦିଗକୁ ଏକ ନୂତନ ମାର୍ଗରେ ପରିବର୍ତ୍ତିତ କରିବାର ପ୍ରାରମ୍ଭିକ ପ୍ରୟାସର ଦୁଇଟି ଉଲ୍ଲେଖନୀୟ ନିଦର୍ଶନ ଭାବେ ଏହି ଦୁଇଟି କୃତି ଆଜି ମଧ୍ୟ ବିଶେଷ ମହତ୍ତ୍ୱ ବହନ କରେ।

ତାଙ୍କର ଅନ୍ୟତମ କବିତା ସଂକଳନ ହେଉଛି ସମୁଦ୍ରସ୍ନାନ (୧୯୭୦)। ଏହି କୃତି ପାଇଁ ସେ ୧୯୭୩ ମସିହାରେ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ, ଆଲୋଚ୍ୟ କବିତା ତାଙ୍କର ସମୁଦ୍ରସ୍ନାନ ସଂକଳନରୁ ଆନୀତ।

"ସମୁଦ୍ର ସ୍ନାନ"ରୁ ଗୃହୀତ -

କବିତା - ଶରତ ରତୁରେ ଜହ୍ନ

ଶରତ ରତୁରେ ଜହ୍ନ ଯାଏ ଆଜି ଆସ୍ତେ ଯାଏ
ଡେଇଁ ଡେଇଁ ଛୋଟ ଛୋଟ ବଉଦର ସିଢ଼ି
ଏତେବେଳେ ଚକ୍ରବାକ ବୋଧହୁଏ କାନ୍ଦୁଥିବ
ଏତେବେଳେ ବିଛଣାରେ ନିଦ ଭାଙ୍ଗି ଆସୁଥିବ ଲାବଣ୍ୟବତୀର
ଏତେବେଳେ ଆକାଶରେ ନେଶି ହୋଇଯାଏ ଝାଉଁବଣ
ଏତେବେଳେ ଲୁଣଖିଆ ଇଟାକାଠ ସିମେଣ୍ଟ ଲୁହାରେ
ଏଠି ମୋର ଚାରିପାଖେ କ୍ଷୟ ପାଏ କ୍ଷୟ ପାଏ
ନିର୍ବିବାଦେ ରାତିର ଜୀବନ।
ଚକ୍ରବାକ କାନ୍ଦେ ବୋଲି ସମୁଦ୍ରରେ ଜହ୍ନରାତି ହେଲେ
କେତେଥର ଦେଖିଛି ମୁଁ କାଶଫୁଲ ଭାଙ୍ଗେ ଆସେ ଢେଉ
ଏ ବାଲିରେ ବୁଲି ବୁଲି ମୁଠା ମୁଠା ଶାମୁକା ଗୋଟାଇ
କେତେଥର ଖୋଜିଛି ମୁଁ ଜହ୍ନ ରାତି ଦିନ ଥାଉଁ ଥାଉଁ।
ଶରତ ରତୁରେ ଜହ୍ନ ଯାଏ ଆଜି ଆସ୍ତେ ଯାଏ
ଚକ୍ରବାକ ବୋଧେ କାନ୍ଦୁଥିବ।
ମୁଁ ତାର ରେଖାର ସ୍ୱପ୍ନ ଆଜି ପୁଣି ଚେଷ୍ଟା କରେ
ଏ ଜହ୍ନର ଫିକା ଶ୍ୟାହି ଗୋଳି ଗୋଳି ଆଙ୍କି ରଖିବାକୁ;
ଶିଥିଳ ଅନ୍ଧାର ତଳେ ପବନ ଉଡ଼ାଇ ଯାଏ ଜୀର୍ଣ୍ଣ ଛିନ୍ନ ପତ୍ର ସବୁ
ଧୂଳିମଳି ଖବରକାଗଜ
ଅତର୍କିତ ତା ଶବ୍ଦରେ ମୁଁ ଚାହିଁଛି କେତେଥର
ବୁଲି ପଡ଼ି ତାର ବ୍ୟସ୍ତ ଉତ୍ୟକ୍ତ ଓଠରୁ ଜନରବ ସ୍ୱାମୀ ଅବା
ମୋର ମାଂସ ହାଡ଼ ତଳେ ସମୟ ବା ପ୍ରେମର ଦରଜ।
ଶରତ ରତୁର ଜହ୍ନ ଆଜି ଯଦି କଥା କୁହେ
ପୁଣି ମୋର ସାଇକେଲ ଚଢ଼ି
ବ୍ରେକ୍ ଦେଇ ଧୀରେ ଧୀରେ କୋଠାଘର ଛାଇରେ ଛାଇରେ
ମୁଁ ଯିବି ନଦେଇ ବେଲ୍ ରାସ୍ତା ଛାଡ଼ି ଗଳିରେ ଗଳିରେ
ହୁଏତ ଓଠରେ ତାର ଏ ଜହ୍ନର ସ୍ୱାଦୁ ଥିବ
ଚାପି ହୋଇ ରହିଥିବ ଚୁପ୍ ହୋଇ ବିରହର ଗୀତ
ମୁଁ କହିବି ତା କାନରେ
ଏ ଜହ୍ନରାତିରେ ଆସ
ତୁମେ, ମୁଁ, ଆମେ ଦୁହେଁ -
ଆକାଶ ଓ ମ୍ଲାନ ନଈବାଲି।
ତୁମେ ଆଉ ମୁଁ ଦୁହେଁ, ଭଞ୍ଜ ଆଉ ମାନସିଂହ ରାଧାନାଥ ପଢ଼ି
ନିଶ୍ଚିହ୍ନ ମିଳାଇଯିବା ସ୍ୱାମୀ ଆଉ ଜନରବ ଛାଡ଼ି।
ଚକ୍ରବାକ କାନ୍ଦି କାନ୍ଦି ମରିଯାଏ ଆକାଶର ତଳେ
ସମୁଦ୍ରର ଢେଉ
ଧାଡ଼ି ଧାଡ଼ି କାଶଫୁଲ ଠେଲି ଆଣି ଫିଙ୍ଗି ଦିଏ ଇତସ୍ତତଃ
ସମୁଦ୍ରବାଲିରେ
ତା ଓଠ ଭିତରୁ ଦାନ୍ତ ଧାଡ଼ି ଧାଡ଼ି ଦେଖାଯାଏ
ଶରତ ରତୁର ଜହ୍ନ ଯାଏ ଯେବେ ମରିଯାଏ ଏ ରାତିରେ
ଅମୁହାଁ ଗଳିରେ।
ସମୁଦ୍ରବାଲିରେ
ଜହ୍ନ ଆଜି ହୁଏ ଇତସ୍ତତଃ
ଆକାଶରେ ମେଘ ଆଉ ମେଘ
ଜହ୍ନ ଯାଏ ତା ଭିତରେ ମରି ହଜି ନିର୍ବିବାଦେ
ସମୁଦ୍ରବାଲିରେ ସ୍ୱପ୍ନ କାହାର ବା ଚେତନା କାହାର।
ତୁମେ ଆଜି ଶୋଇପଡ଼ ଜହ୍ନରାତି ଆସ୍ତେ କ୍ଷୟ ପାଉ
ଜାକିଜୁକି ହାତଗୋଡ଼, ମୁହଁ ପୋତି ତକିଆ ଭିତରେ
ତୁମର ଉଦ୍ଭ୍ରାନ୍ତ ମନ ସ୍ଥିର ହୋଇ
ଛପିଯାଉ ଚୁପଚାପ୍ ଆପେ ଛପିଯାଉ।
ଏ ଜହ୍ନରେ ବ୍ୟଥା ନାହିଁ ଗୋପ୍ୟ କଥା ନାହିଁ ପୃଥିବୀର
ଏ ବାଲିରେ ସୁପ୍ତି ଲଭୁ ଯେତେ ଚେଷ୍ଟା, ଯେତେ ମନସ୍ତାପ
ଆଜି ଯେବେ କାଶଫୁଲ ଠେଲି ଆଣି ଫିଙ୍ଗି ଦିଏ ଢେଉ
ସ୍ୱପ୍ନାତୁର ପଥଭ୍ରାନ୍ତ ତୁମର ଏ ଉତ୍ତେଜିତ ମନ
ଏ ନିଶବ୍ଦ ବାଲିଚରେ
ଜୋଡ଼ି ଜୋଡ଼ି ଚିଠିର କାଗଜ
ଭଙ୍ଗାତୁଟା ସ୍ମୃତି ଯୋଖି ଆଜି ଖୋଜେ ଅର୍ଥକାର
କେଉଁ ସୁପ୍ତ ପୃଥିବୀ ବା କେଉଁ ଗୁପ୍ତ ଆକାଶ ସନ୍ଧାନ।

— ଗୁରୁପ୍ରସାଦ ମହାନ୍ତି

ଗୁରୁପ୍ରସାଦ ମହାନ୍ତୀଙ୍କ "ଶରତ ରତୁରେ ଜହ୍ନ" ଏକ ଗଭୀର ଆଧୁନିକତାବୋଧସମ୍ପନ୍ନ କବିତା। ଏଠାରେ 'ଜହ୍ନ' କେବଳ ଶରତର ସୌନ୍ଦର୍ଯ୍ୟର ପ୍ରତୀକ ନୁହେଁ ଅଥଚ ଏହା ସ୍ମୃତି, ପ୍ରେମ, ବିରହ, ଅନୁପସ୍ଥିତି, ଚେତନା ଓ ଅସ୍ତିତ୍ୱର ଏକ ବହୁମାତ୍ରିକ ପ୍ରତୀକଟେ ମଧ୍ୟ। କବିତାର ଆରମ୍ଭରୁ ହିଁ ଜହ୍ନର ଗତି - "ଆସ୍ତେ ଯାଏ ଡେଇଁ ଡେଇଁ ଛୋଟ ଛୋଟ ବଉଦର ସିଢ଼ି" - ଏହା ପ୍ରକୃତିର ଏକ ଅନିନ୍ଦ୍ୟ ଚିତ୍ର ନିର୍ମାଣ କରେ; କିନ୍ତୁ ତାହାର ଅନ୍ତରାଳରେ ଏକ ଗଭୀର ମନୋବୈଜ୍ଞାନିକ ଅଶାନ୍ତି ଧୀରେ ଧୀରେ ଉଦୟ ହୁଏ। ତେଣୁ କବିତାଟି ପ୍ରକୃତିଧର୍ମୀ କବିତାର ସୀମା ଅତିକ୍ରମ କରି ମନସ୍ତତ୍ତ୍ୱ ଓ ଅସ୍ତିତ୍ୱବାଦୀ ଅନୁଭୂତିର କବିତାରେ ପରିଣତ ହୋଇଛି।

କବିତାର ପ୍ରଥମ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ 'ଜହ୍ନ', ଯାହା ପାରମ୍ପରିକ ଓଡ଼ିଆ କାବ୍ୟକଳାରେ ସୌନ୍ଦର୍ଯ୍ୟ, ପ୍ରେମ ଓ ରୋମାଣ୍ଟିକତାର ପ୍ରତୀକ ଭାବେ ବ୍ୟବହୃତ ହୋଇଥାଏ। କିନ୍ତୁ ଏଠାରେ ଜହ୍ନ କ୍ରମେ କ୍ଷୟିତ ହେଉଥିବା ଏକ ଚେତନାର ରୂପ ନିଏ ଯଥା କବିଙ୍କ ଭାଷାରେ -

"ସମୁଦ୍ରବାଲିରେ
ଜହ୍ନ ଆଜି ହୁଏ ଇତସ୍ତତଃ
ଆକାଶରେ ମେଘ ଆଉ ମେଘ
ଜହ୍ନ ଯାଏ ତା ଭିତରେ ମରି ହଜି ନିର୍ବିବାଦେ
ସମୁଦ୍ରବାଲିରେ ସ୍ୱପ୍ନ କାହାର ବା ଚେତନା କାହାର।"

ଏହି 'ମରି ହଜିଯିବା' ଶବ୍ଦ କେବଳ ଆଲୋକର ଅନ୍ତର୍ଧାନ ମାତ୍ର ନୁହେଁ; ଏହା ସ୍ମୃତି, ପ୍ରେମ ଓ ମଣିଷର ଅନ୍ତର୍ଜଗତର କ୍ରମଶଃ କ୍ଷୟର ମଧ୍ୟ ପ୍ରତୀକ। ଏଠାରେ ଜହ୍ନ ଏକ ମେଟାଫିଜିକାଲ୍ ପ୍ରତୀକ ଭାବେ କାର୍ଯ୍ୟ କରିଛି।

ବ୍ୟବହୃତ ଦ୍ୱିତୀୟ ପ୍ରମୁଖ ପ୍ରତୀକ 'ଚକ୍ରବାକ', ଯାହାକି ଭାରତୀୟ କାବ୍ୟପରମ୍ପରାରେ ଚକ୍ରବାକ ଦମ୍ପତିର ବିଚ୍ଛେଦ ବିରହର ଏକ ପ୍ରଚଳିତ ଚିହ୍ନଟିଏ। କବି "ଚକ୍ରବାକ ବୋଧହୁଏ କାନ୍ଦୁଥିବ" ବୋଲି ପାରମ୍ପରିକ ବିରହ-ପ୍ରତୀକକୁ ଆଧୁନିକ ମନୋବେଦନା ସହିତ ଖୁବ୍ ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଶେଷ ପର୍ଯ୍ୟାୟରେ କବି "ଚକ୍ରବାକ କାନ୍ଦି କାନ୍ଦି ମରିଯାଏ" କହିବାରେ ବିରହପଣ ଏକ ସାଧାରଣ ଭାବନାରୁ ଅସ୍ତିତ୍ୱର ଶେଷ ବିଫଳତାରେ ପହଞ୍ଚିଯାଏ। ଯଥା -

"ଚକ୍ରବାକ କାନ୍ଦି କାନ୍ଦି ମରିଯାଏ
ଆକାଶର ତଳେ
ସମୁଦ୍ରର ଢେଉ
ଧାଡ଼ି ଧାଡ଼ି କାଶଫୁଲ ଠେଲି ଆଣି ଫିଙ୍ଗି ଦିଏ ଇତସ୍ତତଃ
ସମୁଦ୍ରବାଲିରେ"

ଏହାକୁ ବିରହର ମିଥକୀୟ ପ୍ରତୀକର ଆଧୁନିକ ପୁନଃବ୍ୟାଖ୍ୟା ମଧ୍ୟ କୁହାଯାଇପାରେ।

କବିତାରେ ସମୁଦ୍ର, ଢେଉ, କାଶଫୁଲ, ବାଲି, ମେଘ, ରାତି, ଗଳି, ଇଟା-କାଠ-ସିମେଣ୍ଟ-ଲୁହା ଭଳି ପ୍ରତୀକମାନେ ମିଶି ଏକ ଦ୍ୱୈତ ଜଗତ ନିର୍ମାଣ କରିଛନ୍ତି। ଏକ ପଟେ ପ୍ରକୃତି - ଜହ୍ନ, କାଶଫୁଲ, ସମୁଦ୍ର, ଆକାଶ ତ ଅନ୍ୟପଟେ ଆଧୁନିକ ନଗର - ଇଟା, କାଠ, ସିମେଣ୍ଟ, ଲୁହା। "ଲୁଣଖିଆ ଇଟାକାଠ ସିମେଣ୍ଟ ଲୁହାରେ ଏଠି ମୋର ଚାରିପାଖେ କ୍ଷୟ ପାଏ" ପଙ୍କ୍ତିରେ କବି ପ୍ରକୃତିର ମୁକ୍ତ ଜଗତ ଓ ନଗର ସଭ୍ୟତାର କୃତ୍ରିମ ଜଗତ ମଧ୍ୟରେ ଏକ ତୀବ୍ର ବିରୋଧାଭାଷ ସୃଷ୍ଟି କରିଛନ୍ତି। ଏହାକୁ ନଗରୀୟ ଆଧୁନିକତାର ବିମର୍ଶ ଭାବେ ଦେଖାଯାଇପାରେ।

ପୁଣି ଏହି ପରିପ୍ରେକ୍ଷିତରେ କବିତାରେ ମାର୍କ୍ସବାଦୀ ଦୃଷ୍ଟିକୋଣର ମଧ୍ୟ ଏକ ଅନ୍ତର୍ନିହିତ ଛାୟା ଦେଖିବାକୁ ପାଇବା। କବି ସିଧାସଳଖ ଶ୍ରେଣୀସଂଘର୍ଷର କଥା କହିନଥିଲେ ମଧ୍ୟ "ଇଟାକାଠ ସିମେଣ୍ଟ ଲୁହା" ଓ "ଧୂଳିମଳି ଖବରକାଗଜ" ପରି ଚିତ୍ରଗୁଡ଼ିକ ଆଧୁନିକ ଭୌତିକ ସଭ୍ୟତାର ନିର୍ମମତା ଓ ମଣିଷର ବିଚ୍ଛିନ୍ନତାକୁ ଉତ୍ତୋଳନ କରିଛନ୍ତି। ବସ୍ତୁର ଜଗତ କ୍ରମଶଃ ବଢ଼ିବା ସହିତ ମଣିଷର ଅନ୍ତର୍ଜଗତ ଯେପରି ଆସ୍ତେ ଆସ୍ତେ ଶୂନ୍ୟ ହୋଇଯାଏ, ସେହି ବିପର୍ଯ୍ୟୟ କବିତାର ଅନ୍ତର୍ସ୍ୱରରେ ରହିଛି।

ଏହା ସହିତ କବିତାର ଏକ ଗୁରୁତ୍ୱପୂର୍ଣ୍ଣ ପାଠ ଫ୍ରଏଡିୟ ମନୋବିଶ୍ଳେଷଣ ମାଧ୍ୟମରେ ବି ସମ୍ଭବ। 'ସ୍ୱପ୍ନ', 'ଅବଚେତନ', 'ସ୍ମୃତି', 'ବ୍ୟଥା', 'ଗୋପ୍ୟ କଥା', 'ଉତ୍ତେଜିତ ମନ', 'ସୁପ୍ତ ପୃଥିବୀ' ଇତ୍ୟାଦି ଶବ୍ଦବନ୍ଧ କବିତାର ମନୋତାତ୍ତ୍ୱିକ ଗଭୀରତାକୁ ଚିତ୍ରିତ କରେ। ବିଶେଷତଃ - "ଏ ଜହ୍ନରେ ବ୍ୟଥା ନାହିଁ ଗୋପ୍ୟ କଥା ନାହିଁ ପୃଥିବୀର" ଏହି ପଙ୍କ୍ତିରେ ଜହ୍ନ ଏକ ନିରବ ସାକ୍ଷୀଟିଏ ବୋଲି ପ୍ରତୀତ କରାଇଛନ୍ତି କବି। ମଣିଷ ଯେଉଁ ଅନୁଭୂତିକୁ ପ୍ରକାଶ କରିପାରେନାହିଁ, ତାହା ପ୍ରକୃତିର ନିରବତାରେ ପ୍ରକ୍ଷେପିତ ହୁଏ। ଏହା ଅବଦମିତ ଅନୁଭୂତିର ଏକ କାବ୍ୟିକ ରୂପ ଭାବେ ପଢ଼ାଯାଇପାରେ।

କବିତାରେ ଅସ୍ତିତ୍ୱବାଦୀ ଚେତନା ମଧ୍ୟ ଅତ୍ୟନ୍ତ ତୀବ୍ର। "ସ୍ୱପ୍ନ କାହାର ବା ଚେତନା କାହାର" - ଏହି ପ୍ରଶ୍ନ କେବଳ ପ୍ରେମିକ-ପ୍ରେମିକାର ସମ୍ପର୍କକୁ ନୁହେଁ, ବରଂ 'ମୁଁ କିଏ?', 'ମୋର ସ୍ମୃତି କାହାର?', 'ସ୍ୱପ୍ନର ଅଧିକାରୀ କିଏ?' ଭଳି ଅସ୍ତିତ୍ୱବାଦୀ ପ୍ରଶ୍ନମାନଙ୍କୁ ଜନ୍ମ ଦିଏ। ଜହ୍ନ ଯେପରି ଆକାଶରେ ଆସେ ଓ ଅନ୍ତର୍ଧାନ ହୁଏ,ଠିକ୍ ମଣିଷର ଜୀବନ ମଧ୍ୟ ସେପରି କ୍ଷଣସ୍ଥାୟୀ, କ୍ଷଣ ଭଙ୍ଗୁର। ଏଠାରେ ଚିତ୍ରିତ କ୍ଷୟ, ଅନିତ୍ୟତା ଓ ଅର୍ଥ-ସନ୍ଧାନ କବିତାର ମୂଳ ଦାର୍ଶନିକ ସ୍ୱର।

କବିତାରେ ରୋମାଣ୍ଟିସିଜମ୍ ଓ ଆଧୁନିକତାର ଦ୍ୱନ୍ଦ୍ୱ ମଧ୍ୟ ଲକ୍ଷଣୀୟ। "ତୁମେ, ମୁଁ, ଆମେ ଦୁହେଁ ଆକାଶ ଓ ମ୍ଲାନ ନଈବାଲି" ରେ ପ୍ରେମର ଏକ ରୋମାଣ୍ଟିକ ଆକାଂକ୍ଷ୍ୟା ରହିଛି। କିନ୍ତୁ ଏହି ପ୍ରେମ ପାରମ୍ପରିକ ମିଳନର ପ୍ରେମ ନୁହେଁ ବରଂ ଏହା ସ୍ମୃତି ଓ ଅନୁପସ୍ଥିତିର ମଧ୍ୟରେ ଗଢ଼ିଉଠିଥିବା ପ୍ରେମ। କବି ମହାନ୍ତୀ ଏଠି "ଭଞ୍ଜ ଆଉ ମାନସିଂହ ରାଧାନାଥ ପଢ଼ି ନିଶ୍ଚିହ୍ନ ମିଳାଇଯିବା" ରେ ଓଡ଼ିଆ ସାହିତ୍ୟିକ ପରମ୍ପରାକୁ ଆଧୁନିକ ପ୍ରେମାନୁଭୂତି ସହିତ ସଂଯୁକ୍ତ କରିଛନ୍ତି। କବିଙ୍କ ଭାଷାରେ -

"ତୁମେ ଆଉ ମୁଁ ଦୁହେଁ,
ଭଞ୍ଜ ଆଉ ମାନସିଂହ ରାଧାନାଥ ପଢ଼ି
ନିଶ୍ଚିହ୍ନ ମିଳାଇଯିବା ସ୍ୱାମୀ ଆଉ ଜନରବ ଛାଡ଼ି।"

ଅଳଙ୍କାର ଦୃଷ୍ଟିରୁ କବିତାରେ ରୂପକ, ଉପମା, ମାନବୀକରଣ, ପୁନରୁକ୍ତି, ଅନୁପ୍ରାସ ଓ ଚିତ୍ରକଳ୍ପର ସ୍ୱାଭାବିକ ପ୍ରୟୋଗ ଦେଖାଯାଏ। "ବଉଦର ସିଢ଼ି" ଏକ ସୁନ୍ଦର ରୂପକାତ୍ମକ ଚିତ୍ର ଯେମିତି "ଫିକା ଶ୍ୟାହି" ଜହ୍ନର ଆଲୋକକୁ ଲେଖାର ଶ୍ୟାହି ସହିତ ତୁଳନା କରି ଏକ ଅଭିନବ ଦୃଶ୍ୟକଳ୍ପ ସୃଷ୍ଟି କରେ। "କ୍ଷୟ ପାଏ କ୍ଷୟ ପାଏ"ର ପୁନରାବୃତ୍ତି କ୍ଷୟର ଅନିବାର୍ଯ୍ୟତାକୁ ଶ୍ରୁତିଗତ ଭାବରେ ତୀବ୍ର କରୁଥିବା ବେଳେ ଏହା କେବଳ ଶବ୍ଦର ପୁନରାବୃତ୍ତି ନୁହେଁ ଅଥଚ ଏହା ମନସ୍ଥିତିର ପୁନରାବୃତ୍ତି।

କବିତାର ଭାଷା ମଧ୍ୟ ବିଶେଷ ଭାବେ ଉଲ୍ଲେଖନୀୟ। "ଇଟାକାଠ ସିମେଣ୍ଟ ଲୁହା", "ଧୂଳିମଳି ଖବରକାଗଜ", "ସାଇକେଲ", "ବେଲ୍", "ଗଳି", "ଚିଠିର କାଗଜ" ଭଳି ଦୈନନ୍ଦିନ ଆଧୁନିକ ଜୀବନର ଶବ୍ଦଗୁଡ଼ିକ ଜହ୍ନ, ସମୁଦ୍ର, କାଶଫୁଲ ଭଳି ପ୍ରକୃତି-ପ୍ରତୀକ ସହିତ ଏକାତ୍ମ ହୋଇଛି। ଫଳରେ କବିତାଟି ଏକ ଇମେଜିଷ୍ଟିକ୍ ଦୃଶ୍ୟପଟ ନିର୍ମାଣ କରେ। ଚିତ୍ରଗୁଡ଼ିକ ପରସ୍ପରକୁ ଅନୁସରଣ କରିବା ଅପେକ୍ଷା ପରସ୍ପର ଉପରେ ଆରୋପିତ ହୋଇ ଏକ ମନୋଦୃଶ୍ୟ ଗଠନ କରୁଛନ୍ତି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି 'କ୍ଷୟ'ର ମୋଟିଫ୍। ଜହ୍ନ କ୍ଷୟ ପାଉଛି, ରାତି କ୍ଷୟ ପାଉଛି, ସ୍ମୃତି କ୍ଷୟ ପାଉଛି, ପ୍ରେମ ବି କ୍ଷୟ ପାଉଛି ଏବଂ ଶେଷରେ ମଣିଷର ଚେତନା ମଧ୍ୟ ଏକ ଅର୍ଥହୀନତାର ଦିଗକୁ ଗତି କରୁଛି। ଏହି କ୍ଷୟ ହିଁ କବିତାର ଅନ୍ତର୍ନିହିତ ସମୟବୋଧ। ତେଣୁ ଜହ୍ନର ଉଦୟ ଓ ଅସ୍ତ କେବଳ ପ୍ରକୃତିର ଚକ୍ର ନୁହେଁ ଅଥଚ ଏହା ମଣିଷର ଅନୁଭୂତିର ଜନ୍ମ, ସ୍ମୃତି, ବିରହ ଓ ବିଲୟର ରୂପକ।

ସାର୍ବିକ ଭାବରେ 'ଶରତ ରତୁରେ ଜହ୍ନ' ଏକ ବହୁସ୍ତରୀୟ ଆଧୁନିକ କବିତା। ଏହାର ଉପରିସ୍ତରରେ ଶରତ, ଜହ୍ନ, ସମୁଦ୍ର, କାଶଫୁଲ ଓ ପ୍ରେମର ଦୃଶ୍ୟ ଥିଲେ ମଧ୍ୟ ଗଭୀର ସ୍ତରରେ ରହିଛି ଏକାକୀ ମଣିଷର ଅବଚେତନ, ନଷ୍ଟ ହେଉଥିବା ସ୍ମୃତି, ଅନୁପସ୍ଥିତ ପ୍ରେମ, ନଗରୀୟ ବିଚ୍ଛିନ୍ନତା ଓ ଅସ୍ତିତ୍ୱର ଅର୍ଥ ଖୋଜିବାର ଅସଫଳ ଚେଷ୍ଟା। ଏଠାରେ ଜହ୍ନ ଆଲୋକ ହୋଇ ଆସେ, କିନ୍ତୁ ଶେଷରେ ମେଘ ହୋଇ ଭିତରେ ମରି ହଜିଯାଏ କେଉଁଠି। ସେହିପରି କବିତାର ମୂଳ ସତ୍ୟ ହେଉଛି - ମଣିଷ ଯେତେ ସ୍ମୃତି, ପ୍ରେମ ଓ ସ୍ୱପ୍ନକୁ ଧରିରଖିବାକୁ ଚାହେଁ, ସମୟ ତାହାକୁ ଧୀରେ ଧୀରେ କ୍ଷୟ କରି ନେଇଯାଏ। ତଥାପି ସେହି କ୍ଷୟର ମଧ୍ୟରୁ ହିଁ ସୁନ୍ଦର କବିତାଟିଏ ଜନ୍ମ ନିଏ। ଏହି ଅର୍ଥରେ "ଶରତ ରତୁରେ ଜହ୍ନ" ଆଲୋକ ହୋଇ ଆରମ୍ଭ ଏବଂ କ୍ଷୟ, ବିରହ ଓ ଅସ୍ତିତ୍ୱର ଅନ୍ଧାର ମଧ୍ୟରେ ଏକ ଅର୍ଥସନ୍ଧାନୀ କବିତାରେ ପରିଣତ ହୋଇଛି।

**କଟାପାଲି, ବରଗଡ଼**

## କବି ଗଙ୍ଗାଧର



ଆହେ ଗଙ୍ଗାଧର କବିଙ୍କ ଠାକୁର
ବରପାଲିଠାରେ ଘର
ମାତା ସେବତୀ ଦେବୀ ଯେ ଅଟନ୍ତି
ପିତା ଚୈତନ୍ୟ ମେହେର।
ଅଠରଶହ ବାଷଠି ମସିହାରେ ଜନ୍ମ
ଅଗଷ୍ଟ ନଅ ତାରିଖ
ଅନେକ ପୁସ୍ତକ ରଚନା କରିହେ
ରଖିଲ ଓଡ଼ିଆ ଟେକ।
ଶିକ୍ଷାରେ ତୁମର ବାଧାପ୍ରାପ୍ତ ହେଲା
ଦାରିଦ୍ର୍ୟତା ଜୀବନର
ପଞ୍ଚମ ଶ୍ରେଣୀ ପାଠପଢି ତୁମେ
କୀର୍ତ୍ତି ରଖିଲ ଅପାର।
ଅନେକ ପୁରାଣ ଗୀତାଗ୍ରନ୍ଥ ପଢ଼ି
ନିଜେ ସାଜିଗଲ କବି
କେତେଯେ ପୁସ୍ତକ ଲେଖିଦେଇ ଅଛ
ମନେ ମନେ ତୁମେ ଭାବି।
ପ୍ରଣୟ ବଲ୍ଲରୀ କୀଚକବଧ ଯେ
ରସରତ୍ନାକର ଆଦି
ଅଯୋଧ୍ୟା ଦୃଶ୍ୟ ଯେ କୃଷକ ସଂଗୀତ
ତପସ୍ୱିନୀ ଗ୍ରନ୍ଥ ଆଦି।
କହିବାକୁ ତୁଣ୍ଡେ ଭାଷା ନାହିଁ ମୋର
ଆଜି ତୁମ ଜନ୍ମଦିନ
ଭକତି ଅନ୍ତରେ ପ୍ରଣାମ ଜଣାଏ
ଘେନ ଘେନ ନିବେଦନ।

**ବିକ୍ରମ ସାହୁ**
ବରପାଲି ବରଗଡ଼

## ଅଶରୀରୀ ଅଭିସାର

**ସରୋଜ ସାହୁ**

ତୁମେ କେଉଁ ପୁରାତନ କାଳ୍ପନିକ ଶାସ୍ତ୍ରର ଶ୍ଳୋକ?
କିମ୍ବା ସାଧାରଣ ଘରର ଚୁଲି ଧୂଆଁରେ
ଲୁଚି ରହିଥିବା ମାଆର ଅକୁହା କୋହ?

ମୁଁ, ତୁମକୁ ଖୋଜୁଥିଲି ଏକ ଶୁଖିଲା
ପୋଖରୀର କାଦୁଅରେ
ଯେଉଁଠି ପାଦଚିହ୍ନ ଅଛି, ହେଲେ ପାଦ ନାହିଁ।

ତୁମେ ଆସିଲେ, ମୋ ପଞ୍ଜୁରୀ ଭିତରେ
ଶୋଇଥିବା ଶ୍ରୀରାଧା ଜାଗିଉଠନ୍ତି,
ଏକ ନିଷ୍ଫଳ ଯନ୍ତ୍ରଣାର ପଟୁଆର ନେଇ
ସେ ଯାଆନ୍ତି ସେହି ଯମୁନା କୂଳକୁ
ଯେଉଁଠି ଜଳ ନାହିଁ, ଅଛି କେବଳ
ତୃଷ୍ଣାର ଏକ ନୀଳ ଜ୍ୟାମିତି।

ପ୍ରେମ କ'ଣ ଏକ ବ୍ୟାକରଣହୀନ ବାକ୍ୟ?
ଯାହାକୁ ପଢ଼ିହୁଏ, ମାତ୍ର ବୁଝିବାକୁ ଗଲେ
ଅର୍ଥସବୁ ଖସିପଡ଼ନ୍ତି ଶବ୍ଦର ମୁଖା ଭିତରୁ।
ତୁମେ ତ ଜାଣ, ଏଇ ହୃଦୟ ଏବେ
ଏକ ଭଙ୍ଗା ମନ୍ଦିରର ଶେଷ ପାହାଚ,
ଯେଉଁଠି ଦେବତା ନାହାନ୍ତି, ଅଛି କେବଳ
ଅପେକ୍ଷାର ଏକ ଧୂସର ଅରଣ୍ୟ।

ତୁମେ ଯେତେବେଳେ ମୋ ହାତ ଧର,
ମନେହୁଏ ବାପାଙ୍କର ସେଇ ପୁରୁଣା
ଛତାଟିଏ, ମୋତେ ଘୋଡ଼ାଇ ରଖିଛି ସାରା
ଜୀବନର ଖରା ଓ ବର୍ଷାରୁ।



ଏହା ପ୍ରେମ ନୁହେଁ ତ ଆଉ କ'ଣ?
ଏକ ନିଶ୍ଚଳ ମୁହୂର୍ତ୍ତର ଅନନ୍ତ ପ୍ରତୀକ୍ଷା,
ଯେଉଁଠି ମୁଁ ତୁମକୁ ପାଏ ନାହିଁ,
କିନ୍ତୁ ତୁମକୁ ନପାଇବାର ମୋହରେ ହିଁ ବଞ୍ଚିରହେ।

ଲୋକନାଥ ଘାଟ, ପୁରୀ, ୭୫୨୦୦୧
୯୮୬୧୮ ୭୯୯୧୯



## କୁଟିଳା କାମିନୀ

(କବିତାଟି କ ଅନୁପ୍ରାସ ରେ ଲିଖିତ)

କିଂଶୁକ କୁସୁମେ କୋକନଦ ମଣି
କୁତୁହଳେ ହେଲି ତନ୍ମୟ,
କୁଳଧର୍ମ ତେଜି କଇତବେ ମଜ୍ଜି
କ୍ଳେଶରେ କାଟିଲି ସମୟ।
କୁଟଜ କୁଞ୍ଜରେ କୁପିତ କୁଞ୍ଜର
ପରାଏ ହୋଇଲୁ ନିର୍ଦ୍ଦୟ,
କୁହୁକିନୀ ସାଜି କୁହେଳି ରଚିଲୁ
କୃଶାନୁରେ ଦହୁ ହୃଦୟ।।
କୃଶାଙ୍ଗୀ
କୁଣ୍ଡଳିନୀ ସମ ପ୍ରତ୍ୟୟ,
କୁଶକେତୁ କୈଟଭାରି କୃତ୍ତିବାସ
କୂଟେ ଯା ହୁଅନ୍ତି ଅଥୟ।।

**ଶରତ ଦାଶ**
୯୯୩୮୦୪୪୨୯୮

ସରଳାର୍ଥ:
କିଂଶୁକ କୁସୁମ-ପଳାଶ ଫୁଲ
କୋକନଦ-ରକ୍ତପଦ୍ମ
ମଣି-ଭାବି
ତନ୍ମୟ-ପ୍ରଲୁବ୍ଧ
କୁଳଧର୍ମ-ବଂଶ ପରମ୍ପରା
ତେଜି-ତ୍ୟାଗ କରି
କଇତବେ -ଛନ୍ଦ କପଟରେ
କ୍ଳେଶରେ-କଷ୍ଟରେ
କୁଟଜକୁଞ୍ଜ-ମଲ୍ଲୀପୁଷ୍ପର କୁଞ୍ଜ/ଫୁଲ ବନ
କୁପିତ କୁଞ୍ଜର-ମତ୍ତହସ୍ତୀ
ପରାଏ-ପରି
ନିର୍ଦ୍ଦୟ-ଦୟାହୀନ
କୁହେଳି ରଚିଲୁ-ମାୟା କଲୁ/ଧୋକ୍କାଦେଲୁ
କୃଶାନୁ-ଅଗ୍ନି
କୃଶାଙ୍ଗୀ-କ୍ଷୀଣକଟୀ ଯୁକ୍ତା ନାରୀ
କୁଣ୍ଡଳିନୀ-ସର୍ପିଣୀ
ପ୍ରତ୍ୟୟ-ବିଶ୍ୱାସ ବୋଧ/ପ୍ରତୀୟମାନ ହେବା
କୁଶକେତୁ-ବ୍ରହ୍ମା
କୈଟଭାରି-ବିଷ୍ଣୁ
କୃତ୍ତିବାସ -ଶିବ

# ବନ୍ୟା, କୁମ୍ଭୀର ଓ ସାପ ମଧ୍ୟରେ କେନ୍ଦ୍ରାପଡ଼ା ଜୀବନ

## ୩୧୨ ଛାତ୍ର ଜଳବନ୍ଦୀ, କୁମ୍ଭୀର ଟାଣିନେଲା ୭୦ ବର୍ଷୀୟଙ୍କୁ, ଫସଲ ନଷ୍ଟ—ଅଗଷ୍ଟରେ ପ୍ରକୃତିର ତିନିମୁହାଁ ଆଘାତ



କେନ୍ଦ୍ରାପଡ଼ା, ୩୧।୮( ଆପଣଙ୍କ ସ୍ୱର ବ୍ୟୁରୋ): ଏ ବର୍ଷର ଅଗଷ୍ଟ ମାସ କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ଯେମିତି ଏକ ଦୁର୍ଦ୍ଦିନର ଅଧ୍ୟାୟ। ଏକପଟେ ବ୍ରାହ୍ମଣୀ, ବୈତରଣୀ ଓ ଅନ୍ୟ ନଦୀର ବନ୍ୟା, ଅନ୍ୟପଟେ ଜଳବନ୍ଦୀ ଜୀବନ। ତା' ସାଙ୍ଗକୁ ବନ୍ୟାଜଳରେ ଘର ଭିତରକୁ ପଶୁଥିବା ସାପ ଏବଂ ନଦୀ-ବନ୍ୟାପାଣିରେ ଘୁରୁଥିବା କୁମ୍ଭୀର ଲୋକଙ୍କ ଭୟକୁ ଆହୁରି ବଢ଼ାଇଦେଇଛି।ଅଗଷ୍ଟ ୧୭ରେ ପଟ୍ଟାମୁଣ୍ଡାଇ ବ୍ଲକର ପେଣ୍ଠପାଳ ପଞ୍ଚାୟତ ଅନ୍ତର୍ଗତ କୁଳସାହି ଆଶ୍ରମ ବିଦ୍ୟାଳୟ ବ୍ରାହ୍ମଣୀ ନଦୀର ବନ୍ୟାପାଣିରେ ଘେରିଯାଇଥିଲା। ପ୍ରଥମ ରିପୋର୍ଟରେ ୩୧୨ ଛାତ୍ର ଓ ୧୦ ଜଣ ଶିକ୍ଷକ ଦୁଇ ଦିନ ଧରି ଫସିଥିବା କୁହାଯାଇଥିଲା। ବିଦ୍ୟାଳୟର ତଳ ମହଲାରେ ପାଣି ପଶିବା ପରେ ସମସ୍ତଙ୍କୁ ଉପର ମହଲାକୁ ଯିବାକୁ ପଡ଼ିଥିଲା। ବିଦ୍ୟାଳୟ ଚାରିପଟେ ପ୍ରାୟ ୧୦ ଫୁଟ୍ ପାଣି ରହିଥିବାରୁ ଉଦ୍ଧାର କାର୍ଯ୍ୟ ମଧ୍ୟ କଷ୍ଟକର ହୋଇଥିଲା। ପରବର୍ତ୍ତୀ ଦିନଗୁଡ଼ିକରେ ଛାତ୍ରଙ୍କ ସଂଖ୍ୟା ସମ୍ପର୍କରେ ବିଭିନ୍ନ ରିପୋର୍ଟରେ ଭିନ୍ନ ଆକଳନ ଆସିଥିଲା। ଶେଷରେ ODRAF ଓ ଅଗ୍ନିଶମ ବାହିନୀର ଟିମ୍ ଡଙ୍ଗା ଯୋଗେ ଉଦ୍ଧାର କରିଥିଲା।

ବନ୍ୟାରେ କେନ୍ଦ୍ରାପଡ଼ାର ଅନେକ ନଦୀ ଓ ଜଳାଶୟରେ କୁମ୍ଭୀର ଦେଖାଯିବା ଘଟଣା ଚିନ୍ତା ବଢ଼ାଇଥିଲା। ଭିତରକନିକାରୁ ବନ୍ୟାସ୍ରୋତ ସହିତ ଲୁଣିଆପାଣି କୁମ୍ଭୀର ବିଭିନ୍ନ ଅଞ୍ଚଳକୁ ଚାଲିଆସିବାର ଆଶଙ୍କାରେ ବନ ବିଭାଗ ଲୋକଙ୍କୁ ସତର୍କ କରିଥିଲା। ଅଗଷ୍ଟ ୩ରେ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ୪୬ ବର୍ଷୀୟ ସୁଚିତ୍ରା ଦାସ ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ଖବର ଆସିଥିଲା। ଅଗଷ୍ଟ ୨୫ରେ ରାଜକନିକା ବ୍ଲକର ଗଙ୍ଗାଧରପ୍ରସାଦିଆ ଗାଁର ୭୦ ବର୍ଷୀୟ ଚାଷୀ ପାରେଶ୍ୱର ବେହେରା ଆୟତନ ବଜାର ଯିବା ପାଇଁ ଡଙ୍ଗାରେ ଚଢୁଥିବା ସମୟରେ ଖରସ୍ରୋତା ନଦୀର ବନ୍ୟାପାଣିରୁ କୁମ୍ଭୀର ହଠାତ୍ ବାହାରି ତାଙ୍କୁ ଟାଣିନେଇଥିବା ଖବର ଆସିଛି। ଗ୍ରାମବାସୀ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ତୁରନ୍ତ ଖୋଜି ପାରିନଥିଲେ। ଫାୟାର ସର୍ଭିସ୍ ଓ ବନ ବିଭାଗ ମିଳିତ ଭାବେ ସର୍ଚ୍ଚ ଅପରେସନ କରିଥିଲେ।

ବନ୍ୟାପାଣି ଯୋଗୁଁ ସାପମାନେ ଶୁଖିଲା ସ୍ଥାନ ଖୋଜି ମଣିଷଙ୍କ ଘର ଓ ଜନବସତି ଆଡ଼କୁ ଆସିଥିବା ଅଭିଯୋଗ ହୋଇଥିଲା। ରାଜନଗର ଅଞ୍ଚଳରେ ଦୁଇ ଜଣ ମହିଳା ସାପ କାମୁଡ଼ାର ଶିକାର ହୋଇଥିଲେ। ବନ୍ୟା ପରିସ୍ଥିତି ମଧ୍ୟରେ ସାପ କାମୁଡ଼ାର ଆଶଙ୍କାକୁ ନେଇ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ସତର୍କ ରହିଥିଲା।

ବନ୍ୟା କେବଳ ଘରଦ୍ୱାର ନୁହେଁ, ଚାଷୀଙ୍କ ଜୀବିକାକୁ ମଧ୍ୟ ଭୟଙ୍କର ଭାବେ ପ୍ରଭାବିତ କରିଛି। ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଠିଆ ଧାନ ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଛି। ଧାନ ବ୍ୟତୀତ ମୁଗ, ବିରି ଓ ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟ ଆସିଛି।

ଅନେକ ଚାଷୀଙ୍କ ପାଇଁ ଏହା କେବଳ ଫସଲ ନଷ୍ଟ ନୁହେଁ—ବ୍ୟାଙ୍କ ଋଣ କିପରି ଶୁଝିବେ, ପରବର୍ତ୍ତୀ ଚାଷ କିପରି କରିବେ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ।

କେନ୍ଦ୍ରାପଡ଼ାର ଅଗଷ୍ଟ ମାସର ଏହି ଘଟଣାଗୁଡ଼ିକ କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟର ଚିତ୍ର ନୁହେଁ। ଏହା ଉପକୂଳ ଅଞ୍ଚଳର ବନ୍ୟା ପରିଚାଳନା, ନଦୀବନ୍ଧ ସୁରକ୍ଷା, ବନ୍ୟଜନ୍ତୁ–ମଣିଷ ସଂଘର୍ଷ ଓ ଚାଷୀଙ୍କ ଭବିଷ୍ୟତ ନେଇ ଗୁରୁତର ପ୍ରଶ୍ନ ଉଠାଇଛି।

# ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ" ଲୋକାର୍ପିତ

ଭୁବନେଶ୍ୱର,୩୧।୮( ଆପଣଙ୍କ ସ୍ୱର ବ୍ୟୁରୋ):ଓଡ଼ିଶା ରାଜନୀତିର ଅର୍ଦ୍ଧଶତାବ୍ଦୀର ପ୍ରତିଛବି - ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ "ସମୟ ସାକ୍ଷୀ" ଆଜି ବୁଧବାର ସନ୍ଧ୍ୟାରେ ଓୟୁଏଟି କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ଏକ ଅଭିନବ ରୂପରେ ଲୋକାର୍ପିତ ହୋଇଯାଇଛି। ପ୍ରଥମେ ଶ୍ରୀ ପଟ୍ଟନାୟକଙ୍କ "ସମୟ ସାକ୍ଷୀ" ଉପରେ ଏକ ବୃତ୍ତ ଚିତ୍ର ପ୍ରଦର୍ଶନ କରାଯାଇଥିଲା।

ଏହା ପରେ ଶ୍ରୀ ପଟ୍ଟନାୟକ ମଞ୍ଚରେ ସଭାପତିତ୍ୱ କରିବା ପରେ ୯ ଜଣ ବିଶେଷ ଅତିଥିଙ୍କୁ ସଭା ମଞ୍ଚକୁ ନିମନ୍ତ୍ରଣ କରାଯାଇଥିଲା। ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏମାନଙ୍କ ମଧ୍ୟରେ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ପଦ୍ମଶ୍ରୀ ଦୈତାରୀ ନାୟକ, ନିଜ ସ୍ତ୍ରୀର ଶବକୁ କାନ୍ଧରେ ବୋହି ଡାକ୍ତରଖାନାରୁ ଫେରିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷଙ୍ଗିକ ଶିକ୍ଷାରୁ ବଞ୍ଚିତ ହୋଇ ମଧ୍ୟ କୋଟିଆ ଭାଷାରେ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଚେୟାରମ୍ୟାନ ଶ୍ରୀମତୀ ବାସନ୍ତୀ ମାଝୀ , ନିଜର ଦୃଷ୍ଟିଶକ୍ତି ନଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ଶିକ୍ଷାଦାନ କରୁଥିବା ଦୃଷ୍ଟିହୀନ ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କର୍କଟ ପ୍ରତିରୋଧକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ମାନ୍ୟବର ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରିଥିବା ନୟାଗଡ଼ର ମୁସଲମାନ ଭାଇ ଅପତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ୭ଟି ପାଣି ଟାଙ୍କି ବସାଇଥିବା କାଠ ମିସ୍ତ୍ରୀ ମନ୍ମଥ ମହାରଣା, ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର, ଟ୍ରାକ୍ଟର ଚାଳକ ତଥା ସ୍ୱାବଲମ୍ବୀ ଚାଷୀ ଶାନ୍ତିଲତା ରାଉଳ ପ୍ରମୁଖ ମଂଚାସୀନ ହୋଇଥିଲେ।

**ପୁସ୍ତକଟି କେବଳ ପରିଚୟ ପ୍ରତିଷ୍ଠା ପାଇଁ ନୁହେଁ, ଆଗାମୀ ଯୁବପିଢ଼ୀ ପାଇଁ ଅନୁକରଣୀୟ ହେବ -ନିରଞ୍ଜନ**

ଏହା ପରେ ଆମ ଓଡ଼ିଶା ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଆମ ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ଅତିଥି ଏହି ପୁସ୍ତକକୁ ଲୋକାର୍ପିତ କରିଥିଲେ। ଏହା ପରେ ସାହିତ୍ୟିକ ଶ୍ରୀ ଦାଶ ବେନହୁର ପୁସ୍ତକର ସମୀକ୍ଷା କରିବା ସହ ସମୟ ପରିବର୍ତ୍ତନ ଶୀଳ। କିନ୍ତୁ ସତ୍ୟ ହିଁ ଇତିହାସ। ତେଣୁ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଏହି ସ୍ମୃତି ମଧୁର ତଥ୍ୟାନୁଭିତ୍ତିକ ପୁସ୍ତକଟିଏ ଲୋକଲୋଚନକୁ ଆସିବା ପରେ ସମୟର ଚଲାପଥରେ ଏହି ପୁସ୍ତକଟି ସମୟର ସାକ୍ଷୀ ଭାବେ ସବୁଦିନ ପାଇଁ ରହିବ।ସଂଘର୍ଷ ଓ ସଫଳତା ଭିତରେ ସେ ଯେଉଁ ରାସ୍ତା ଦେଇ ଆସିଛନ୍ତି, ତାହା ଯେତିକି ସ୍ମୃତି ବିଜଡ଼ିତ ସେତିକି ଚର୍ଚ୍ଚିତ। ଜଣେ ଶିଳ୍ପପତି ଭାବେ ସେ ଯେତିକି ପରିଚିତ, ଜଣେ ରାଜନେତା ଭାବେ ସେତିକି ଆଦୃତ। ଓଡ଼ିଶା ପ୍ରତି ଓଡ଼ିଆଙ୍କ ପ୍ରଗତି ପାଇଁ କିଛି କରିବାର ସଙ୍କଳ୍ପ ତାଙ୍କର କେତେ ସଫଳ ହୋଇଛି ଆଉ କେତେ ବାକି ଅଛି, ତାହା ସମୟ ସାକ୍ଷୀ ହୋଇ ରହିଛି। ମହାତ୍ମାଗାନ୍ଧୀ, ଜବାହରଲାଲ ନେହେରୁ, ବିନୋବା ଭାବେଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ କଂଗ୍ରେସରେ ଯୋଗ ଦେଇ ଜଣେ ପ୍ରତିଷ୍ଠିତ ରାଜନୀତିଜ୍ଞ ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି। ଓଡ଼ିଶା କଂଗ୍ରେସ ପ୍ରତି ତାଙ୍କର ଅବଦାନ ଅନେକ। ସମୟ କେତେବେଳେ କାହାକୁ କେଉଁ ସ୍ଥାନରେ ରଖେ, ତାହା ପୂର୍ବ ନିର୍ଦ୍ଧାରିତ। ସରକାର ବଦଳିଲେ ବି ତଥାପି ଓଡ଼ିଶାର ପରିବର୍ତ୍ତନ ପାଇଁ ତାଙ୍କ ମନରେ ରହିଥିବା ଅସୁମାରୀ ଆଶାକୁ ଯୁବପିଢୀ ସାକାର କରିବେ ବୋଲି ତାଙ୍କର ଭରସା ରହିଛି।

### କଟକର ରାସ୍ତା ଓ ଜଳବନ୍ଦୀକୁ ନେଇ ହାଇକୋର୍ଟଙ୍କ କଡ଼ା ଆଭିମୁଖ୍ୟ

# ଅଧିକାରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ କୋର୍ଟ; ସ୍ପେଶାଲ୍ ସିଟିଂରେ ଶୁଣାଣି

କଟକ, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):କଟକ ସହରର ଦୁର୍ବଳ ରାସ୍ତା ବ୍ୟବସ୍ଥା ଓ ବର୍ଷା ପରେ ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟାକୁ ନେଇ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସହରର ବର୍ତ୍ତମାନର ରାସ୍ତା ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ନେଇ ଗୁରୁତର ଉଦ୍‌ବେଗ ପ୍ରକାଶ କରି ହାଇକୋର୍ଟ ଆଜି, ଶନିବାର ୨୯ ଅଗଷ୍ଟ ସକାଳ ୧୦ଟା ୩୦ରେ ଏକ ସ୍ୱତନ୍ତ୍ର ଶୁଣାଣି (Special Sitting) ଧାର୍ଯ୍ୟ କରିଛନ୍ତି।

ଏହି ମାମଲା ଏକ ଚାଲୁଥିବା PILର ଅଂଶ। ଜଷ୍ଟିସ୍ କେ.ଆର୍. ମହାପାତ୍ର ଓ ଭି. ନରସିଂହଙ୍କ ଖଣ୍ଡପୀଠ କଟକର ନାଗରିକ ସମସ୍ୟା ସମ୍ପର୍କିତ ମାମଲାର ଶୁଣାଣି କରୁଛନ୍ତି।

ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ହାଇକୋର୍ଟ ରାଜ୍ୟ ସରକାର ଓ କଟକ ମହାନଗର ନିଗମର ବରିଷ୍ଠ ଅଧିକାରୀଙ୍କୁ ଶୁଣାଣିରେ ଉପସ୍ଥିତ ରହିବାକୁ କହିଛନ୍ତି।

କୋର୍ଟ ନିମ୍ନଲିଖିତ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ଭର୍ଚୁଆଲ୍ ମାଧ୍ୟମରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି—

ହାଉସିଂ ଆଣ୍ଡ ଅର୍ବାନ୍ ଡେଭଲପମେଣ୍ଟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ,ୱର୍କସ୍ ବିଭାଗର ସଚିବ,ୱର୍କସ୍ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ଙ୍କ,ଟକ ମହାନଗର ନିଗମ କମିଶନର,ଡାଇରେକ୍ଟର, ମ୍ୟୁନିସିପାଲ୍ ଆଡମିନିଷ୍ଟ୍ରେସନ୍ମା,ମଳାର ପ୍ରଭାବଶାଳୀ ଶୁଣାଣି ଓ ସମସ୍ୟାର ସମାଧାନ ଦିଗରେ ସ୍ପଷ୍ଟ ତଥ୍ୟ ରଖିବା ପାଇଁ ଏହି ଉପସ୍ଥିତି ଆବଶ୍ୟକ ବୋଲି କୋର୍ଟ କହିଛନ୍ତି।

ଗୁରୁବାର ଶୁଣାଣି ସମୟରେ କଟକ R&B ଡିଭିଜନ୍-Iର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ମହମ୍ମଦ ଶାହବାଜ ଏବଂ CMCର ସିଟି ଇଞ୍ଜିନିୟର ଅତନୁ କୁମାର ସାମନ୍ତ ଭର୍ଚୁଆଲ୍ ମାଧ୍ୟମରେ କୋର୍ଟରେ ଉପସ୍ଥିତ ହୋଇଥିଲେ।



ତେବେ ଅଧିକାରୀମାନଙ୍କ ଦିଆଯାଇଥିବା ତଥ୍ୟରେ ଖଣ୍ଡପୀଠ ସନ୍ତୁଷ୍ଟ ହୋଇନଥିଲେ। କଟକ ସହରର ବିଭିନ୍ନ ସ୍ଥାନର ରାସ୍ତାର ଅବସ୍ଥା ଓ ଜଳବନ୍ଦୀ ସମସ୍ୟା ସମ୍ପର୍କରେ ଅଧିକାରୀମାନଙ୍କର ଭୂମିସ୍ତରୀୟ ଧାରଣା ନଥିବା ପରି ଲାଗୁଛି ବୋଲି ଖଣ୍ଡପୀଠ ମତ ଦେଇଥିଲେ।

କଟକର ଜଳବନ୍ଦୀ ସମସ୍ୟା ନୂଆ ନୁହେଁ। ପୂର୍ବରୁ CMC ହାଇକୋର୍ଟଙ୍କୁ କହିଥିଲା ଯେ କଟକ ସହର ମହାନଦୀ ଓ କାଠଯୋଡ଼ି ନଦୀର ଜଳସ୍ତର ମଧ୍ୟରେ ଏବଂ କେତେକ ସ୍ଥାନରେ ତାହାଠାରୁ ତଳେ ଥିବାରୁ ବର୍ଷାଜଳ ନିଷ୍କାସନରେ ସମୟ ଲାଗେ। କେତେକ ତଳିଆ ଅଞ୍ଚଳରେ ୨ରୁ ୫ ଘଣ୍ଟା ପର୍ଯ୍ୟନ୍ତ ଜଳବନ୍ଦୀ ରହିବା ଅନିବାର୍ଯ୍ୟ ହୋଇପାରେ ବୋଲି CMC ପୂର୍ବରୁ ଯୁକ୍ତି ଦେଇଥିଲା। ପମ୍ପଗୁଡ଼ିକ ପୂର୍ଣ୍ଣ କ୍ଷମତାରେ ଚାଲିଲେ ମଧ୍ୟ ପ୍ରଥମେ ଡ୍ରେନ୍‌ରୁ ବଡ଼ ଜଳାଶୟକୁ ପାଣି ଯିବା ଆବଶ୍ୟକ ହୋଇଥିବାରୁ ଜଳ ତୁରନ୍ତ ହଟିପାରେ ନାହିଁ ବୋଲି CMC କହିଥିଲା।

ଖରାପ ରାସ୍ତା—ବଢ଼ୁଛି ନାଗରିକଙ୍କ ଦୁର୍ଦ୍ଦଶା

ବର୍ଷା ପରେ ସହରର ବିଭିନ୍ନ ରାସ୍ତାରେ ଖାଲଖମା, ଭାଙ୍ଗିଥିବା ରାସ୍ତା ଓ ଜଳବନ୍ଦୀ ଯୋଗୁଁ ଯାତାୟାତ ପ୍ରଭାବିତ ହେଉଛି। ଏହା କେବଳ ଯାତାୟାତ ସମସ୍ୟା ନୁହେଁ; ଦୁର୍ଘଟଣାର ଆଶଙ୍କା, ଆମ୍ବୁଲାନ୍ସ ଯାତାୟାତ, ସ୍କୁଲ୍-କଲେଜ ଛାତ୍ରଛାତ୍ରୀ ଓ ଦୈନନ୍ଦିନ ଯାତ୍ରୀଙ୍କ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରୁଛି।

କଟକର ଜଳବନ୍ଦୀ ସମସ୍ୟା ଉପରେ ହାଇକୋର୍ଟ ପୂର୍ବରୁ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ୨୦୨୫ ଜୁଲାଇରେ ଅଦାଲତ ଏହାକୁ ପ୍ରଶାସନିକ ବିଫଳତାର ପ୍ରତିଫଳନ ବୋଲି ଦର୍ଶାଇଥିଲେ। ପୁନଃପୁନଃ ଆଶ୍ୱାସନ ସତ୍ତ୍ୱେ ନାଗରିକମାନେ ଜଳବନ୍ଦୀ ଯୋଗୁଁ ଯନ୍ତ୍ରଣା ଭୋଗୁଥିବା ପ୍ରସଙ୍ଗରେ କୋର୍ଟ ଗୁରୁତର ମତ ଦେଇଥିଲେ।

ହାଇକୋର୍ଟଙ୍କ ଏହି କଡ଼ା ଆଭିମୁଖ୍ୟ ପରେ ଏବେ ମୁଖ୍ୟ ପ୍ରଶ୍ନ ହେଉଛି—

କଟକର ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ କେବେ?

ବର୍ଷା ପୂର୍ବରୁ ଡ୍ରେନ୍ ଓ ରାସ୍ତାର ମରାମତି କାହିଁକି ସମ୍ପୂର୍ଣ୍ଣ ହୋଇପାରୁନାହିଁ?

ରାସ୍ତା ମରାମତି ପାଇଁ ଖର୍ଚ୍ଚ ହେଉଥିବା ଅର୍ଥର ପ୍ରଭାବ କାହିଁକି ଭୂମିସ୍ତରରେ ଦେଖାଯାଉନାହିଁ?

ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ କେତେ ବଡ଼ ସମସ୍ୟା?

ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଆଜିର ସ୍ପେଶାଲ୍ ସିଟିଂରେ କୋର୍ଟ କିପରି ନିଅନ୍ତି, ତାହା ଉପରେ କଟକବାସୀଙ୍କ ନଜର ରହିଛି।

କଟକକୁ ମିଲେନିୟମ୍ ସିଟି ବୋଲି କୁହାଯାଏ। କିନ୍ତୁ ପ୍ରତିବର୍ଷ ବର୍ଷା ଆସିଲେ ଯଦି ରାସ୍ତା ଜଳମଗ୍ନ ହୁଏ, ଡ୍ରେନ୍ ଉଚ୍ଛୁଳିଯାଏ ଓ ଲୋକେ ଘଣ୍ଟା ଘଣ୍ଟା ଧରି ପାଣିରେ ଯାତାୟାତ କରନ୍ତି, ତେବେ ସହରର ଆଧୁନିକ ନଗର ଯୋଜନାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ।ହାଇକୋର୍ଟଙ୍କ ହସ୍ତକ୍ଷେପ ଏହି ସମସ୍ୟାକୁ ପୁଣିଥରେ ସର୍ବସାଧାରଣ ଆଲୋଚନାର କେନ୍ଦ୍ରକୁ ଆଣିଛି। ଏବେ ଆବଶ୍ୟକ କେବଳ ତାତ୍କାଳିକ ପମ୍ପ ଲଗାଇ ପାଣି କାଢ଼ିବା ନୁହେଁ—କଟକର ରାସ୍ତା, ଡ୍ରେନେଜ୍ ଓ ବର୍ଷାଜଳ ନିଷ୍କାସନ ପାଇଁ ଦୀର୍ଘମିଆଦୀ ଏବଂ ବୈଜ୍ଞାନିକ ସମାଧାନ।

### ଚିଲିକାରେ ନାବାଳକ ହତ୍ୟାକାଣ୍ଡ

# ଚିଙ୍ଗୁଡ଼ି ଚୋରିକୁ ନେଇ ବିବାଦରୁ ରକ୍ତାକ୍ତ ସଂଘର୍ଷ; ୧୮ ଗିରଫ

ପୁରୀ/ଖୋର୍ଦ୍ଧା, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଚିଲିକା ହ୍ରଦରେ ଚିଙ୍ଗୁଡ଼ି ଚୋରିକୁ ନେଇ ବିବାଦ ଭୟଙ୍କର ରୂପ ନେଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟଣା ସାରା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣାରେ ପୁଲିସ ମାତ୍ର ୪୮ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ଗଣେଶ ଦାସଙ୍କ ସମେତ ୧୮ ଜଣଙ୍କୁ ଗିରଫ କରିଛି। ଗିରଫ ସମସ୍ତ ଅଭିଯୁକ୍ତ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଥାନା ଅଧୀନ ଚନ୍ଦ୍ରପୁଟ ଗାଁର ବାସିନ୍ଦା ବୋଲି ପୁଲିସ କହିଛି।

ପୁଲିସ ଅନୁସାରେ, ଅଗଷ୍ଟ ୧୦ ତାରିଖ ସନ୍ଧ୍ୟା ପ୍ରାୟ ୬ଟାରୁ ୭ଟା ମଧ୍ୟରେ ଚନ୍ଦ୍ରପୁଟ ଗାଁରୁ ଏକ ଦଳ ଲୋକ ଚିଲିକାର କୁମାରପୁର ଗାଁ ଅଞ୍ଚଳର ମାଛ ଧରା ସ୍ଥାନକୁ ଯାଇଥିବା ଅଭିଯୋଗ ରହିଛି।

ପୁଲିସର କହିବା ଅନୁଯାୟୀ, ସେମାନେ ଚିଙ୍ଗୁଡ଼ି ଚୋରି କରିବା ଉଦ୍ଦେଶ୍ୟରେ ସେଠାକୁ ଯାଇଥିଲେ। ଏହାକୁ ସ୍ଥାନୀୟ ଲୋକ ବିରୋଧ କରିବାରୁ ଦୁଇ ପକ୍ଷ ମଧ୍ୟରେ ପ୍ରଥମେ ବଚସା ଏବଂ ପରେ ହିଂସାତ୍ମକ ସଂଘର୍ଷ ହୋଇଥିଲା।

ଏହି ସଂଘର୍ଷରେ ଅଭିଯୁକ୍ତମାନେ ଅଭିଯୋଗକାରୀ ଚିନ୍ମୟ ବେହେରା, ତାଙ୍କ ଭାଇ ଏବଂ ନାବାଳକ ଓମ୍ ଶିକାରୀଙ୍କୁ ଆକ୍ରମଣ କରିଥିବା ପୁଲିସ ତଦନ୍ତରୁ କୁହାଯାଇଛି। ଚିନ୍ମୟ ବେହେରା ଓ ତାଙ୍କ ଭାଇ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। କିନ୍ତୁ ନାବାଳକ ଓମ୍ ଶିକାରୀ ଗୁରୁତର ଆହତ ହୋଇଥିଲେ ଏବଂ ପରେ ତାଙ୍କ ମୃତ୍ୟୁ ଘଟିଥିଲା। ପ୍ରାୟ ୨୦ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

ଘଟଣାରେ ଆଉ ଦୁଇଜଣ ଆହତ ହୋଇଥିବା ମଧ୍ୟ ପୁଲିସ ସୂଚନାରୁ ଜଣାପଡ଼ିଛି।ଘଟଣା ପରେ ପୁରୀ ଏସ୍‌ପି ପ୍ରତୀକ ସିଂହଙ୍କ ନିର୍ଦ୍ଦେଶରେ କୃଷ୍ଣପ୍ରସାଦ ଥାନା ପୁଲିସ ଏକାଧିକ ଟିମ୍ ଗଠନ କରିଥିଲା। ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା।ପ୍ରଥମେ ମୁଖ୍ୟ ଅଭିଯୁକ୍ତ ଗଣେଶ ଦାସଙ୍କୁ ଘଟଣାର ପ୍ରାୟ ୨୪ ଘଣ୍ଟା ମଧ୍ୟରେ ଧରାଯାଇଥିଲା। ପରେ ଅନ୍ୟମାନଙ୍କୁ ଧରାଯାଇ ୪୮ ଘଣ୍ଟା ମଧ୍ୟରେ ମୋଟ ୧୮ ଜଣଙ୍କୁ ଗିରଫ କରାଯାଇଥିଲା।

ପୁଲିସ ଚଢ଼ାଉ ସମୟରେ ଘଟଣା ସହ ସମ୍ପୃକ୍ତ ବୋଲି କୁହାଯାଉଥିବା ୩ଟି ଡଙ୍ଗା ଏବଂ ଏକ କାଠ ପଟା ଜବତ କରିଛି। ଏଗୁଡ଼ିକୁ ତଦନ୍ତର ଅଂଶ ଭାବେ ରଖାଯାଇଛି।ଘଟଣା ପରେ ପ୍ରଥମେ ମାମଲାଟି ଅପହରଣ ଓ ହତ୍ୟା ଉଦ୍ୟମ ଭଳି ଧାରାରେ ରୁଜୁ ହୋଇଥିଲା। ତଦନ୍ତ ଆଗକୁ ବଢ଼ିବା ପରେ ଏହାକୁ ଡକାୟତି ସହ ହତ୍ୟା ମାମଲା ଭାବେ ପୁନଃବର୍ଗୀକରଣ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

ଗିରଫ ୧୮ ଜଣଙ୍କୁ ପଚରାଉଚରା କରାଯାଇ ଘଟଣାର ସମ୍ପୂର୍ଣ୍ଣ କ୍ରମ, ପ୍ରତ୍ୟେକ ଅଭିଯୁକ୍ତଙ୍କ ଭୂମିକା ଏବଂ ନାବାଳକଙ୍କ ମୃତ୍ୟୁର ପ୍ରକୃତ ପରିସ୍ଥିତି ଜାଣିବାକୁ ପୁଲିସ ଚେଷ୍ଟା କରୁଛି।

ଏଥିସହ ଚିଲିକାରେ ଅବୈଧ ମାଛ ଧରା ଓ ଚିଙ୍ଗୁଡ଼ି ଚୋରି ଭଳି କାର୍ଯ୍ୟକଳାପ ରୋକିବା ପାଇଁ ପାଟ୍ରୋଲିଂ ଓ ନଜରଦାରୀ ବଢ଼ାଯାଇଥିବା ରିପୋର୍ଟରେ କୁହାଯାଇଛି।

ଚିଲିକା କେବଳ ଓଡ଼ିଶାର ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ହଜାର ହଜାର ମତ୍ସ୍ୟଜୀବୀଙ୍କ ଜୀବିକାର ମୁଖ୍ୟ ଆଧାର। ଏଭଳି ଅଭିଯୋଗିତ ଚିଙ୍ଗୁଡ଼ି ଚୋରି ଓ ମାଛଧରା ଅଞ୍ଚଳକୁ ନେଇ ବିବାଦ ଯଦି ହିଂସାର ରୂପ ନିଏ, ତେବେ ଏହା ମାତ୍ର ଏକ ଅପରାଧ ମାମଲା ନୁହେଁ—ଚିଲିକାରେ ମତ୍ସ୍ୟ ସମ୍ପଦର ସୁରକ୍ଷା, ଅବୈଧ ମାଛଧରା ଉପରେ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳା ନେଇ ମଧ୍ୟ ବଡ଼ ପ୍ରଶ୍ନ ଉଠାଏ।

ତେବେ ଏଠାରେ ଏକ କଥା ସ୍ପଷ୍ଟ—ଗିରଫ ହୋଇଥିବା ବ୍ୟକ୍ତିମାନେ ଅଭିଯୁକ୍ତ, ଅଦାଲତରେ ଦୋଷ ପ୍ରମାଣିତ ହେବା ପର୍ଯ୍ୟନ୍ତ ସେମାନଙ୍କୁ ଦୋଷୀ ବୋଲି କୁହାଯାଇପାରିବ ନାହିଁ।

ଘଟଣାର ତଦନ୍ତ ଜାରି ରହିଛି ଏବଂ ପୁଲିସ ପ୍ରତ୍ୟେକ ଅଭିଯୁକ୍ତଙ୍କ ଭୂମିକା ନିର୍ଦ୍ଧାରଣ କରୁଛି।

# ଜାଲୁପ୍ରସାଦ କଦମ ସାଂସଦଙ୍କ ବନ ଓ ପରିବେଶ ବିଭାଗ ପ୍ରତିନିଧି



ରସୁଲପୁର, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଯାଜପୁର ଜିଲ୍ଲାରେ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ କାର୍ଯ୍ୟର ସୁପରିଚାଳନା ତଥା ଉପଯୁକ୍ତ ସମନ୍ୱୟ ରକ୍ଷା ପାଇଁ ଯାଜପୁର ସାଂସଦ ଡଃ ରବୀନ୍ଦ୍ର ନାରାୟଣ ବେହେରା ତାଙ୍କର ପ୍ରତିନିଧି ଭାବେ ଲାଲୁପ୍ରସାଦ କଦମଙ୍କୁ ମନୋନୀତ କରିଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟପୁର ପଞ୍ଚାୟତର ବିଶିଷ୍ଟ ଆରଏସଏସ କାର୍ଯ୍ୟକର୍ତ୍ତା ଭାଗୀରଥ କଦମଙ୍କ ସୁପୁତ୍ର ହେଉଛନ୍ତି ଶ୍ରୀ କଦମ। ସମ୍ପ୍ରତି ସେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଂଯୋଜକ ସହିତ ଭଦ୍ରକ ଜିଲା ପ୍ରଭାରୀ ଭାବେ ନିଜର ସାଙ୍ଗଠନିକ ଦାୟିତ୍ୱ ତୁଲାଉଛନ୍ତି। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ର ପାଟପୁର ପଂଚାୟତ ର rss ପରିବାରର ଶ୍ରୀଯୁକ୍ତ ଭାଗିରଥି କଦମ ପୁଅ ଶ୍ରୀ ଲାଲୁ ପ୍ରସାଦ କଦମ ଯେକି ଭାରତୀୟ ଜନତା ଯୁବ ମୋର୍ଚ୍ଚା । ର ରାଜ୍ୟ ସଂଯୋଜକ ସହ ଭଦ୍ରକ ଜିଲ୍ଲା ର ଇନଚାର୍ଜ ଭାବେ ଦାଇତ୍ୱ ପାଇଛନ୍ତି

# ତ୍ରି ଦିବସୀୟ ଜାତୀୟ କ୍ରୀଡା ଦିବସ -୨୦୨୬

ଖୋରଧା ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ବିଶିଷ୍ଟ କ୍ରୀଡ଼ା ନାୟକ, କ୍ରୀଡ଼ା ଜଗତର ଉଜ୍ଜ୍ୱଳ ତାରକା ତଥା ହକି ଜାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ ପକ୍ଷରୁ ପାଳନ କରାଯାଉଥିବା ଆଜି ଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ କ୍ରୀଡା ଦିବସ ପାଳନରେ ସ୍ୱର୍ଗତ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଡେପୁଟୀ କଲେକ୍ଟର ଶ୍ରୀ ଆର୍ତ୍ତ ତ୍ରାଣ ମଲ୍ଲିକ, ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ମଞ୍ଚାସିନ ଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ସ୍ୱର୍ଗତ ଧ୍ୟାନଚାନ୍ଦ ସୈନ୍ୟ ବାହିନୀରେ ଚାକିରି କରି ଥିଲେ ମଧ୍ୟ ରାତିରେ ଚନ୍ଦ୍ର ଆଲୋକରେ ନିଜର ହକି କ୍ରୀଡ଼ା ଅଭ୍ୟାସ କରି ଜଣେ ଉଦୀୟମାନ ହକି ଖେଳାଳି ଯାହା ତାଙ୍କୁ ଧ୍ୟାନ ସିଂ ରୁ ଧ୍ୟାନଚାନ୍ଦ ନାମ ପରିବର୍ତ୍ତନ ଓ ହକି ଯାଦୁଗର ରେ ସମ୍ମାନିତ କରିଥିଲା । ଆଜି ଭାରତର ଜାତୀୟ କ୍ରୀଡା ହକି ଥିବା ବେଳେ ସମସ୍ତେ ଧ୍ୟାନଚାନ୍ଦଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ନିଜ ଶରୀର ସୁସ୍ଥ ଓ ନିରାମୟ ରଖିବା ପାଇଁ କ୍ରୀଡ଼ା ଅଭ୍ୟାସ କରି ଅନ୍ୟକୁ ପ୍ରେରଣା ଦେବାକୁ ଶ୍ରୀ ବେଉରା ଆହ୍ୱାନ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସଫଳ କ୍ରୀଡ଼ା ବିତ୍ ବ୍ୟକ୍ତିତ୍ୱର ଆଲୋକ ପାତ କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ଦିବସ ପାଳନ ର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡେପୁଟି କଲେକ୍ଟର ଆର୍ତ୍ତ ତ୍ରାଣ ମଲ୍ଲିକ କ୍ରୀଡ଼ା ମୂଲ୍ୟବୋଧର ଶପଥ ପାଠ କରାଇଥିଲେ ଏବଂ ଡେପୁଟି କଲେକ୍ଟର ସୁଶ୍ରୀ ଅନନ୍ୟା ସୃଷ୍ଟି ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବାଣିଶ୍ରୀ ପଟ୍ଟନାୟକ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ୍, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ଇପ୍ସିତା ସାହୁ, ନିଜାରତ ଅଧିକାରୀ ରିଶବ ତ୍ରିପାଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ,ଡି ଇ ଜି ଏମ ମାନସ କୁମାର ବ୍ରହ୍ମା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଅଧିକାରୀ ଓ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ।

# ଜାତୀୟ କ୍ରୀଡ଼ା ଦିବସ: ୩ ଦିନ ବ୍ୟାପୀ ପାଳନ ହେବ କ୍ରୀଡ଼ା ଉତ୍ସବ

ଯାଜପୁର, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ତିନି ଦିନିଆ ତଥା ବିବିଧ କ୍ରୀଡ଼ା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଆଜି ପୂର୍ବାହ୍ନରେ ହକି ପ୍ରଶିକ୍ଷଣ କେନ୍ଦ୍ର, ଯାଜପୁର ଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ କ୍ରୀଡ଼ାବିତ୍‌ମାନେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଏକ ଆକର୍ଷଣୀୟ ବାଳକ ଓ ବାଳିକା ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।ଏହି ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଫକୀର ମୋହନ ଟୁଡୁ, ହକି ପ୍ରଶିକ୍ଷକ, କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ସଚେତନତା କାର୍ଯ୍ୟକ୍ରମ ଆଗାମୀ ୩ ଦିନ ଧରି ନିରନ୍ତର ଚାଲୁରହିବ।ସୂଚନାଯୋଗ୍ୟ ଯେ, ଆଗାମୀ ୨୯ ତାରିଖରେ 'ଫିଟ୍ ଇଣ୍ଡିଆ' ଶପଥ ଗ୍ରହଣ ସହ ପ୍ରଦର୍ଶନୀ ଫୁଟବଲ୍, କ୍ରିକେଟ୍ ଓ ବ୍ୟାଡମିଣ୍ଟନ୍ ମ୍ୟାଚ୍ ଆୟୋଜନ କରାଯିବ ଏବଂ ଆଗାମୀ ୩୦ ତାରିଖରେ ସାଧାରଣ ସଚେତନତା ପାଇଁ ଏକ ବିଶାଳ ସାଇକେଲ ଶୋଭାଯାତ୍ରାର ଆୟୋଜନ କରାଯିବା ସମ୍ବନ୍ଧରେ ଜିଲ୍ଲା କ୍ରୀଡା ଅଧିକାରୀ ସୂଚନା ଦେଇଛନ୍ତି।

# ୮୪ ତମ ବରୀ ସହିଦ ଦିବସ ସମାରୋହ ପାଳିତ

ବରୀ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଯାଜପୁର ଜିଲ୍ଲା ବରୀ ବ୍ଲକ୍ ଅନ୍ତର୍ଗତ ସହିଦ ପିଠ କଳାମାଟିଆଠାରେ ସହିଦ ସ୍ମାରକୀ ଚାରିଟେବୁଲ ଟ୍ରଷ୍ଟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଙ୍କ ପକ୍ଷରୁ ବୀରମାଟି ବରୀର ସହିଦ ସାଉଣ୍ଟି ମଲିକ, ସାନନ୍ଦ ସ୍ୱାଇଁ, ହାଡିବନ୍ଧୁ ପଣ୍ଡା ଓ ମୟାଧର ଭୂୟାଁଙ୍କ ବଳୀଦାନ ସ୍ମୃତି ଦିବସ ଉଦ୍ଦେଶ୍ୟରେ ଏକ ୮୪ତମ ସ୍ମୃତିଚାରଣ ସଭା ପ୍ରାଧ୍ୟାପକ ଦେବ ପ୍ରସାଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ମିହିର ପ୍ରତାପ ଦାସ, ସମ୍ମାନିତ ଅତିଥି ଭାବେ ଶରତ ଚନ୍ଦ୍ର ରାୟ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ, ଦିଲ୍ଲିପ କୁମାର ମହାନ୍ତି, ଅଶୋକ କୁମାର ସାମଲ ଯୋଗ ଦେଇଥିଲେ। ବରୀକୁ ବାଦ ଦେଇ ଓଡ଼ିଶା ସଂଗ୍ରାମର ଇତିହାସ ଅଧୁରା ରହିଯିବ ଏହି ମାଟିର ସଂଗ୍ରାମୀ ସହିଦଙ୍କ ବଳିଦାନ ସମଗ୍ର ଦେଶ ପାଇଁ ଗୌରବର କଥା। ଏ ମାଟିରେ ଜନ୍ମ ନେଇଥିବା ପ୍ରତ୍ୟେକ ଶିଶୁ ଭାଗ୍ୟବାନ ବୋଲି ଅତିଥିମାନେ କହିଥିଲେ। ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମୟରେ ଅଭିବକ୍ତ କଟକ ଜିଲ୍ଲା ସହିତ ଅନେକ ସ୍ମୃତି ଜଡିତ ହୋଇ ରହିଛି ।କେନ୍ଦ୍ରାପଡାରୁ ଯାଜପୁର ଅଞ୍ଚଳକୁ ଗାନ୍ଧିଜୀ କଳାମାଟିଆ ଦେଇ ଗସ୍ତ କରିଥିଲେ। ତାହା ଫଳରେ ବହୁ ଦେଶପ୍ରେମୀ ସଂଗ୍ରାମୀଙ୍କ ଜନ୍ମ ବରୀ ମାଟିରେ ହୋଇଥିଲା ଆମେ ସେହି ସଂଗ୍ରାମୀ ମାନଙ୍କ ସ୍ମୃତିକୁ ମନେ ପକାଇବା ସହ ବଳିଦାନ ଦିବସକୁ ପାଳନ କରିବା ଗୌରବର କଥା ଓ ବରୀ ମାଟିରେ ଜନ୍ମ ନେବା ଗର୍ବର କଥା । ଗହ୍ମା ପୁନେଇଁରେ ଇଂରେଜ ମାନଙ୍କୁ ବିରୋଧ କରି ସହିଦ ହୋଇଥିବା ୪ଜଣ ସଂଗ୍ରାମୀଙ୍କ ସ୍ମୃତି ବଜାୟ ରଖିବା ପାଇଁ ବିଧାୟକ ଶ୍ରୀ ମଲ୍ଲିକ୍ ଆହ୍ୱାନ ଦେଇଥିଲେ। ବରୀ ମାଟି ସାହିତ୍ୟ, ସଂସ୍କୃତି ଓ ବଳିଦାନର ମାଟି ଏ ମାଟିର ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଏବଂ ଉପଦେଶର ଆବଶ୍ୟକତା ରହିଛି ବୋଲି ଅତିଥି ମାନେ କହିଥିଲେ । ଏହି ଅବସରରେ ବିଭିନ୍ନକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜନ୍ମେଜୟ ସାହୁ, ରଞ୍ଜିତ କୁମାର ଜେନା, ଅଞ୍ଜନା ଧଳ, ସୁଭ୍ରକାନ୍ତ ମଲିକ, ବିଦୁସ୍ମିତା ସ୍ୱାଇଁଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଟ୍ରଷ୍ଟର ସଭାପତି ଶୁକଦେବ ପରିଡ଼ା ସଭା ପରିଚାଳନା କରିଥିଲେ।

# ଡିସିପିଙ୍କ ଇସ୍ତଫା ଗ୍ରହଣ କଲେ ନାହିଁ ରାଜ୍ୟ ସରକାର

ଭୁବନେଶ୍ୱର, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଦୀର୍ଘ ଦିନ ଧରି ଲାଗି ରହିଥିବା ଚର୍ଚ୍ଚାର ଅବସାନ ଘଟିଛି। ବ୍ୟକ୍ତିଗତ କାରଣକୁ ନେଇ ଡିସିପି ଜଗମୋହନ ମୀନା ଯେଉଁ ଇସ୍ତଫା ଦେଇଥିଲେ ତାକୁ ରାଜ୍ୟ ସରକାର ଗ୍ରହଣ କରିବେ ନା ନାହିଁ ଆଲୋଚନା ହେଉଥିଲା। ଶେଷରେ ରାଜ୍ୟ ସରକାର ଡିସିପି ମୀନାଙ୍କ ଇସ୍ତଫା ଗ୍ରହଣ କରି ନାହାନ୍ତି। ଫଳରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଚର୍ଚ୍ଚାର ଏବେ ଅନ୍ତ ଘଟିଛି। ଇସ୍ତଫା ଗ୍ରହଣ ନ ହେବା ପରେ କମିସନରେଟ ପୁଲିସ ଓ ରାଜଧାନୀବାସୀଙ୍କ ମନରେ ମଧ୍ୟ ଖୁସିର ଲହରୀ ଖେଳି ଯାଇଛି। ଫଳରେ ଏବେ ମୀନା ଡିସିପି ଭାବେ କାର୍ଯ୍ୟ ତୁଲାଇବେ। ଖୁବ୍ ଶୀଘ୍ର ତାଙ୍କର ଡିଆଇଜି ର୍ଯାଙ୍କକୁ ପଦୋନ୍ନତି ମଧ୍ୟ ହେବ ବୋଲି ସୂଚନା ମିଳିଛି।

୨୦୧୩ ବ୍ୟାଚର ଆଇପିଏସ୍ ଅଫିସର ଜଗମୋହନ ମୀନା ହଠାତ୍ ଜୁଲାଇ ମାସ ୫ ତାରିଖରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ସେ ବ୍ୟକ୍ତିଗତ କାରଣ ପାଇଁ ଇସ୍ତଫା ଦେଉଛନ୍ତି। ଏ ସମ୍ପର୍କରେ ସେ ତାଙ୍କ ପରିବାର ଓ ସାଙ୍ଗସାଥୀଙ୍କ ସହିତ ଆଲୋଚନା କରିଛନ୍ତି। ସୁସ୍ଥ ମସ୍ତିଷ୍କରେ ସେ ଏହି ନିଷ୍ପତି ନେଇଛନ୍ତି। ସକାଳୁ ସକାଳୁ ଏହି ଖବର ବିଜୁଳି ବେଗରେ ବ୍ୟାପି ଯାଇଥିଲା ସାରା ରାଜ୍ୟରେ। ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇ ଯାଇଥିଲା। କାହିଁକି ଓ କ'ଣ ପାଇଁ ଡିସିପି ମୀନା ଇସ୍ତଫା ଦେଉଛନ୍ତି ତାକୁ ନେଇ ପୁଲିସ ମହଲରେ ଜୋରଦାର ଆଲୋଚନା ହୋଇଥିଲା। ଅନେକ ତାଙ୍କ ଇସ୍ତଫାକୁ ବାଲିଅନ୍ତା ସୌମ୍ୟରଂଜନ ହତ୍ୟାକାଣ୍ଡ ସହିତ ଯୋଡ଼ିଥିଲେ। ତାଙ୍କରି ଅବହେଳା ପାଇଁ ଏକ ଚର୍ଚ୍ଚିତ ହତ୍ୟାକାଣ୍ଡ ଘଟିଲା ବୋଲି ଅନେକ ଅଭିଯୋଗ କରିଥିଲେ। ରାଜ୍ୟ ସରକାର ମଧ୍ୟ ଏହି ଘଟଣା ପାଇଁ ଅଡୁଆ ପରିସ୍ଥିତିରେ ପଡ଼ିଥିଲେ। ଜାତୀୟ ମାନବାଧିକାର କମିସନଙ୍କଠାରୁ ଜାତୀୟ ଗଣମାଧ୍ୟମରେ ଏହାକୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। ଶେଷରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚ ତଦନ୍ତ ଦାୟିତ୍ୱ ଦେଇଥିଲେ।

ପରବର୍ତ୍ତୀ ସମୟରେ ଯେତେବେଳେ ରାଜ୍ୟ ସରକାର ଓ ଓଡ଼ିଶା ପୁଲିସ ଜାଣିବାକୁ ପାଇଥିଲେ ଡିସିପି ମୀନାଙ୍କର



ଏଥିରେ କୌଣସି ଭୂମିକା ନାହିଁ, ସେ ତାଙ୍କ କାର୍ଯ୍ୟରେ କୌଣସି ଅବହେଳା କରି ନାହାନ୍ତି, ଯେଉଁ ସବୁ ଅଭିଯୋଗ ହେଉଛି, ତାହା ସଂପୂର୍ଣ୍ଣ ମିଛ। ରାଜ୍ୟ ସରକାର ଏହା ହୃଦୟଙ୍ଗମ କରି ତାଙ୍କ ଇସ୍ତଫାକୁ ଗ୍ରହଣ କରି ନାହାନ୍ତି। ବରଂ ରାଜ୍ୟ ସରକାରଙ୍କର ସେ ଏବେ ଗେହ୍ଲା ପୁଅ ହୋଇ ଯାଇଛନ୍ତି। ଖୁବ୍ ଶୀଘ୍ର ରାଜ୍ୟ ସରକାର ତାଙ୍କୁ ଡିଆଇଜି ର୍ଯାଙ୍କକୁ ପଦୋନ୍ନତି ଦେବେ ବୋଲି ଯାହା ସୂଚନା ମିଳିଛି।

ଡିସିପି ମୀନାଙ୍କୁ ଏବେ ଖୋଲା ହାତ ଓ ବିନା ଚାପରେ କାମ କରିବାକୁ ଏକ ପ୍ରକାରର ଅଲିଖିତ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି ରାଜ୍ୟ ସରକାର। ଯାହା ଫଳରେ ଅନ୍‌ଲାଇନ୍ ଅଟୋ ଚାଳକମାନେ ରାଜଧାନୀରେ ଯେଉଁ ଆତଙ୍କ ସୃଷ୍ଟି କରିଥିଲେ, ତାକୁ ସେ ଦୃଢ଼ ହସ୍ତରେ ଦମନ କରିଥିଲେ। ଏକାବେଳକେ ଶହଶହ ସଂଖ୍ୟାରେ ଅଟୋ ଚାଳକଙ୍କୁ ଗିରଫ କରି ଜେଲ ପଠାଇବା, ଶତାଧିକ ଅଟୋ ଜବତ କରି ଏକ ରେକର୍ଡ କରିଛି କମିସନରେଟ ପୁଲିସ। ଡିସିପିଙ୍କ ଏହି କାର୍ଯ୍ୟ ପାଇଁ ତାଙ୍କୁ ଅନେକ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶଂସା କରୁଛନ୍ତି।

ଏ ସମ୍ପର୍କରେ ଡିସିପି ମୀନାଙ୍କୁ ଯୋଗାଯୋଗ କରିବାବେଳେ ସେ କହିଥିଲେ, "ମୁଁ ଏ ବିଷୟରେ କିଛି କହିବାକୁ ଚାହେଁ ନାହିଁ। ଏ ନେଇ ଅଧିକ ଆଲୋଚନା ହେବା ଠିକ୍ ନୁହେଁ।" ରାଜସ୍ଥାନରେ ଜନ୍ମିତ ଡିସିପି ମୀନା ୨୦୧୨ରେ ପ୍ରଥମ ଉଦ୍ୟମରେ ଆଇପିଏସ୍ ପାଇଥିଲେ। ପ୍ରଥମେ ତାଙ୍କ ପୋଷ୍ଟିଂ ଗଂଜାମର ଆସ୍କାରେ ହୋଇଥିଲା। ପରେ ସେ ବିଭିନ୍ନ ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରି ଭୁବନେଶ୍ୱରର ଡିସିପି ହୋଇଥିଲେ।

# ଯାଜପୁର ଓ ଚଣ୍ଡୀଖୋଲରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ

ଯାଜପୁର,୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ସାଧାରଣ ଜନତାଙ୍କୁ ସ୍ୱାସ୍ଥ୍ୟକର ଓ ଗୁଣବତ୍ତାପୂର୍ଣ୍ଣ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ଯାଜପୁର ଟାଉନ୍ ଏବଂ ଚଣ୍ଡୀଖୋଲ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଏକ ବଡ଼ଧରଣର ଅଚାନକ ଚଢ଼ାଉ କରାଯାଇଛି। ଏହି ଯାଞ୍ଚ ସମୟରେ ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତ ଓ ନିମ୍ନମାନର ମନେହେଉଥିବା ପ୍ରାୟ ୧ କ୍ୱିଣ୍ଟାଲ (୧୦୦ କିଗ୍ରା) ଛେନା ଏବଂ ୬୦ କିଲୋଗ୍ରାମ ମିଠା ଜବତ କରାଯାଇ ତୁରନ୍ତ ନଷ୍ଟ କରାଯାଇଛି।

ସୂଚନାଯୋଗ୍ୟ ଯେ, ଯାଜପୁର ଖାଦ୍ୟ ସୁରକ୍ଷା ଅଧିକାରୀ (FSO) ଜୟ ପ୍ରକାଶ ସୋରେନ୍ ଏବଂ କେନ୍ଦୁଝରରୁ ଯାଜପୁର ପାଇଁ ବିଶେଷ ଭାବେ ନିୟୋଜିତ ହୋଇଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ଅନିଲ କୁମାର ରଣାଙ୍କ ମିଳିତ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ବିଭାଗୀୟ ଟିମ୍ ଯାଜପୁର ଟାଉନ୍ ଓ ଚଣ୍ଡୀଖୋଲର ବିଭିନ୍ନ ମିଠା ଦୋକାନ, ଖାଦ୍ୟ ବିକ୍ରି କେନ୍ଦ୍ର ସହ ବିଭିନ୍ନ ଅଞ୍ଚଳରୁ ଛେନା ଯୋଗାଣ କରୁଥିବା ଗାଡ଼ିଗୁଡ଼ିକୁ ଅଚାନକ ଅଟକାଇ କଡ଼ା ଯାଞ୍ଚ କରିଥିଲେ।ସନ୍ଦେହଜନକ ଖାଦ୍ୟ ଦ୍ରବ୍ୟଗୁଡ଼ିକର ନମୁନା (ସାମ୍ପୁଲ) ସଂଗ୍ରହ କରାଯାଇ ଅଧିକ ପରୀକ୍ଷା ପାଇଁ ରାଜ୍ୟ ଖାଦ୍ୟ ପରୀକ୍ଷାଗାର (ଲାବୋରେଟରୀ) କୁ ପଠାଯାଇଛି। ଏଥିସହିତ ଖାଦ୍ୟ ସୁରକ୍ଷା ନିୟମ ଉଲ୍ଲଂଘନ କରିଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟବସାୟ କରୁଥିବା ଅସାଧୁ ବ୍ୟବସାୟୀଙ୍କୁ କଡ଼ା ଚେତାବନୀ ନୋଟିସ୍ ଜାରି କରାଯାଇଛି।

ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସହ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ଏବଂ ନିମ୍ନମାନର ଓ ଭେଜାଲ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଏହିପରି କଡ଼ା କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇଛି।

# ସୁକିନ୍ଦାରେ ବ୍ଲକ୍ ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଯାଜପୁର, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ପରିସରରେ ବ୍ଲକ ସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ' ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଏବଂ ସେମାନଙ୍କୁ ସରକାରୀ ସାମାଜିକ ସୁରକ୍ଷା ଯୋଗାଇଦେବା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ।

ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ବଳ ସାମନ୍ତ ନିଜ ବକ୍ତବ୍ୟରେ କହିଥିଲେ "ଭିନ୍ନକ୍ଷମମାନେ ସମାଜର ଆବଶ୍ୟକୀୟ ଅଙ୍ଗ, ସେମାନେ କୌଣସି ଗୁଣରେ କାହାରିଠାରୁ କମ୍ ନୁହଁନ୍ତି। ସେମାନଙ୍କର ଆତ୍ମବିଶ୍ୱାସ ଓ ପ୍ରତିଭାକୁ ସଠିକ୍ ଦିଗଦର୍ଶନ ଦେବା ଏବଂ ସେମାନଙ୍କୁ ସାମାଜିକ ଓ ଅର୍ଥନୈତିକ ଭାବେ ସଶକ୍ତ କରିବା ପାଇଁ ଆମ ସରକାର ସଦାସର୍ବଦା ବଦ୍ଧପରିକର। ଆଜିର ଏହି ଶିବିର କେବଳ ସହାୟତା ବଣ୍ଟନର ମାଧ୍ୟମ ନୁହେଁ, ବରଂ ସେମାନଙ୍କ ଜୀବନରେ ଆଶା ଓ ସ୍ୱାବଲମ୍ବନର ନୂତନ ଆଲୋକ ଭରିବାର ଏକ ନିଷ୍ଠାପର ପ୍ରୟାସ।"

ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପଞ୍ଚାୟତ ସମିତିର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ବରାଳ, ଉପାଧ୍ୟକ୍ଷା ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ (DSSO) ଶ୍ରୀମତୀ ଜାନକୀ ହେମ୍ବ୍ରମ, ତହସିଲଦାର, ବ୍ୟାସନଗର ଶ୍ରୀ ମାନସ ରଞ୍ଜନ ତ୍ରିପାଠୀ, ଶ୍ରୀ ସଞ୍ଜିତ୍ କୁମାର ମହାନ୍ତି ଏବଂ ଶ୍ରୀ ରମଣୀ ରଞ୍ଜନ ବଳ ସାମନ୍ତ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶିବିରର ସଫଳ ପରିଚାଳନାରେ ସହଯୋଗ କରିଥିଲେ।

ଶିବିରରେ ସୁକିନ୍ଦା ବ୍ଲକର ବିଭିନ୍ନ ପ୍ରାନ୍ତରୁ ମୋଟ ୨୯୦ ଜଣ ଭିନ୍ନକ୍ଷମ ହିତାଧିକାରୀ ଅଂଶଗ୍ରହଣ କରି ନିଜର ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରୁ ଅସ୍ଥିଶଲ୍ୟ (OH) ବିଭାଗରେ ୧୫୭ ଜଣ, କର୍ଣ୍ଣ/ନାସା/ଗଳା/ଶ୍ରବଣ ବାଧିତ (HI) ବିଭାଗରେ ୬୨ ଜଣ, ମାନସିକ ବାଧିତ (MR/CP) ବିଭାଗରେ ୩୫ ଜଣ, ଦୃଷ୍ଟି ବାଧିତ (VI) ବିଭାଗରେ ୩୧ ଜଣ ଏବଂ ଭେଷଜ/ବହୁବିଧ ବାଧିତ (MD) ବିଭାଗରେ ୫ ଜଣ ହିତାଧିକାରୀ ସାମିଲ ହୋଇଥିଲେ।

ଏହି ଅବସରରେ ଆବଶ୍ୟକତା ଅନୁଯାୟୀ ହିତାଧିକାରୀଙ୍କୁ ୪ ଟି ହୁଇଲ୍ ଚେୟାର (Wheelchair), ୧ ଟି ରୋଲେଟର (Rollator) ଏବଂ ୧ ଟି ଧଳା ବାଡ଼ି (Blind Stick) ପ୍ରଦାନ କରାଯାଇଥିଲା। ଏହା ସହିତ କ୍ରୀଡ଼ା କ୍ଷେତ୍ରରେ ନିଜର ଶ୍ରେଷ୍ଠ ଯୋଗଦାନ ପାଇଁ ୨ ଜଣ କୃତୀ ପାରା-ଆଥଲେଟଙ୍କୁ ଅତିଥିମାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବନ୍ୟା ପ୍ରଭାବିତ ଅଞ୍ଚଳ ନଳକୂପ ବିଶୋଧନ ଓ ପାନୀୟ ଜଳର ଗୁଣବତ୍ତା ଯାଞ୍ଚ ତ୍ୱରାନ୍ୱିତ

ଯାଜପୁର ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ବନ୍ୟା ପରବର୍ତ୍ତୀ ସମୟରେ ଜନସାଧାରଣଙ୍କୁ ନିରାପଦ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କରଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଯାଜପୁର ପକ୍ଷରୁ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପାନୀୟ ଜଳ ଉତ୍ସ ଓ ନଳକୂପଗୁଡ଼ିକର ବିଶୋଧନ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି।

ବନ୍ୟାଜଳ ନଳକୂପ ଓ ଅନ୍ୟାନ୍ୟ ପାନୀୟ ଜଳ ଉତ୍ସରେ ପ୍ରବେଶ କରିଥିବା ସମ୍ଭାବନା ଥିବାରୁ ବିଭାଗୀୟ ଟିମ୍ ପକ୍ଷରୁ ନଳକୂପଗୁଡ଼ିକର ବିଶୋଧନ ସହିତ ପାନୀୟ ଜଳର ଗୁଣବତ୍ତା ମଧ୍ୟ ଯାଞ୍ଚ କରାଯାଉଛି। ଜଳ ଉତ୍ସଗୁଡ଼ିକର ସ୍ୱଚ୍ଛତା ଓ ନିରାପତ୍ତା ଯାଞ୍ଚ କରାଯିବା ସହ ଆବଶ୍ୟକସ୍ଥଳେ ଉପଯୁକ୍ତ ବିଶୋଧନ ପ୍ରକ୍ରିୟା ଅନୁସରଣ କରାଯାଉଛି।

ବନ୍ୟା ପରବର୍ତ୍ତୀ ସମୟରେ ଦୂଷିତ ଜଳ ଯୋଗୁଁ ଜଳବାହିତ ରୋଗର ଆଶଙ୍କା ରହିଥିବାରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ଏହି କାର୍ଯ୍ୟକ୍ରମ ଚାଲୁ ରହିଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ନିରାପଦ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଜଳ ଉତ୍ସଗୁଡ଼ିକର ନିରନ୍ତର ନିରୀକ୍ଷଣ, ବିଶୋଧନ ଓ ଜଳର ଗୁଣବତ୍ତା ଯାଞ୍ଚ କାର୍ଯ୍ୟ ଜାରି ରହିବ।

ଜନସାଧାରଣଙ୍କୁ ବନ୍ୟା ପରେ କୌଣସି ଅସୁରକ୍ଷିତ କିମ୍ବା ସନ୍ଦେହଜନକ ଜଳ ଉତ୍ସର ପାଣି ବ୍ୟବହାର ନକରି, ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ନୂତନ ସ୍ଥିତି ରିପୋର୍ଟ ଅନୁଯାୟୀ, ଜିଲ୍ଲାର ୧୦ ଟି ବ୍ଲକ୍‌ର ୧୨୩ ଟି ଗ୍ରାମ ପଞ୍ଚାୟତ ଓ ୪୦୫ ଟି ଗାଁର ପ୍ରାୟ ୪,୩୪,୬୩୨ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତରାପଦା ପଞ୍ଚାୟତର ପାଟଣା ଗାଁ ନିକଟ କାଣୀ ନଦୀ ଏବଂ ଜରୀ ପଞ୍ଚାୟତର ନଉବାଙ୍କ ନିକଟ ବୈତରଣୀ ନଦୀର ଘାଇ ଦେଇ ବନ୍ୟାଜଳ ପ୍ରବେଶ କରିବା ଯୋଗୁଁ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଛି।

ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ବ୍ୟାପକ କରାଯାଇ ବର୍ତ୍ତମାନ ସୁଦ୍ଧା ୧,୩୧,୪୯୪ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଇ ୩୬୮ ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ସେହିପରି ୩୬୩ ଟି ମାଗଣା ରୋଷେଇ ଘର (Free Kitchens) ଜରିଆରେ ବିପନ୍ନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ୨ ଟି NDRF, ୩ ଟି ODRAF, ୧୨ ଟି ଅଗ୍ନିଶମ ସେବା ଟିମ୍ ଏବଂ ୧୪ ଟି ବୋଟ୍ ନିୟୋଜିତ ଅଛନ୍ତି, ଯାହା ମାଧ୍ୟମରେ ୩୬୮ ଜଣଙ୍କୁ ଉଦ୍ଧାର କରାଯିବା ସହ ୧୪୧ ଟି ବିଚ୍ଛିନ୍ନ ଗାଁରେ ଜରୁରୀ ସେବା ପହଞ୍ଚାଯାଇଛି।

ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ରିପୋର୍ଟରୁ ପ୍ରକାଶ ଯେ, ଜିଲ୍ଲାରେ ମୋଟ ୨,୬୭୪ ଟି ଟ୍ୟୁବୱେଲ ଓ ପାନୀୟ ଜଳ ଯୋଗାଣ (PWS) ପ୍ରକଳ୍ପ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (RWSS) ବିଭାଗ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୧,୫୨୪ ଟି ଟ୍ୟୁବୱେଲକୁ ସମ୍ପୂର୍ଣ୍ଣ ବିଶୋଧିତ କରାଯାଇସାରିଛି। ଏହାସହିତ ବିଚ୍ଛିନ୍ନ ଓ ବନ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୱାଟର ଟ୍ୟାଙ୍କର ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଉଛି।

ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପାଇଁ ୧୨ ଟି ମେଡିକାଲ ଟିମ୍ ଓ ୧୮ ଟି କ୍ୟାମ୍ପ ଜରିଆରେ ୧୩,୪୫୮ ଜଣଙ୍କୁ ଚିକିତ୍ସା ସେବା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଅଞ୍ଚଳରେ କୌଣସି ନୂଆ ଝାଡ଼ାବାନ୍ତି କିମ୍ବା ଜଳବାହିତ ରୋଗର ବ୍ୟାପକ ସଂକ୍ରମଣ ରେକର୍ଡ ହୋଇନାହିଁ। ଜଳବାହିତ ରୋଗର ମୁକାବିଲା ପାଇଁ ପ୍ରଶାସନ ପାଖରେ ପର୍ଯ୍ୟାପ୍ତ ପରିମାଣର ORS, IV Fluids ଓ ପ୍ରାଥମିକ ଔଷଧ ମହଜୁଦ ରହିଛି।

ଜନସ୍ୱାସ୍ଥ୍ୟ ସୁରକ୍ଷା, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ସମସ୍ତ ପ୍ରକାର ଜରୁରୀକାଳୀନ ସହାୟତା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗଗୁଡ଼ିକ ୨୪ ଘଣ୍ଟା ସମ୍ପୂର୍ଣ୍ଣ ସଜାଗ ରହିଛନ୍ତି।

## ଭଗବାନ କୃଷ୍ଣ ଦିଅନ୍ତି ଏକତାର ବାର୍ତ୍ତା: ଭାଗବତ

ନୂଆଦିଲ୍ଲୀ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ମୋହନ ଭାଗବତ ଶନିବାର ନ୍ୟୁୟର୍କର ମୋଡିସନ୍ ସ୍କୋୟାର ଗାର୍ଡେନର ଇନଫୋସିସ୍ ଥିଏଟରରେ ସମ୍ବୋଧନ କରିବେ। ଏହି କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ ସ୍ତରରେ ରାଜନୈତିକ ଛବି ତିଆରି କରିବାର ମାଷ୍ଟର କ୍ଲାସ ଭାବରେ ଦେଖାଯାଉଛି। ମୋହନ ଭାଗବତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦୦ ପ୍ରବାସୀ ଭାରତୀୟ ସାମିଲ ହେବେ, କିନ୍ତୁ ଏହାର ପ୍ରକୃତ ଦର୍ଶକ ସେଠାର ଲୋକ ହେବନି। ଆମେରିକାରେ ଥିବା ଲକ୍ଷାଧିକ ଭାରତୀୟଙ୍କର ଏହା ଉପରେ ନଜର ରହିବ। ଯେଉଁଠି ଚଳିତ ବର୍ଷ ନଭେମ୍ବରରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବାର ଅଛି।ମୋହନ ଭାଗବତ ଆମେରିକା ଗସ୍ତକୁ ନେଇ ହେଉଥିବା ବିରୋଧ ଏହି କାର୍ଯ୍ୟକ୍ରମର ରାଜନୈତିକ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଆମେରିକାରେ ୭୦ରୁ ଅଧିକ ରାଜନୈତିକ ଓ ଧାର୍ମିକ ସଂଗଠନ ଏହି କାର୍ଯ୍ୟକ୍ରମର ବିରୋଧ କରିଛନ୍ତି ଓ ରୋକିବାକୁ ଦାବି କରିଛନ୍ତି। ସଡକରୁ ଆରମ୍ଭ ହୋଇଥିବା ବିବାଦ ନ୍ୟୁୟର୍କ ସିଟି ହଲ୍ ପର୍ଯ୍ୟନ୍ତ ପହଁଞ୍ଚିଛି। ତେବେ ନ୍ୟୁୟର୍କର ପ୍ରଥମ ମୁସଲମାନ ଓ ଭାରତୀୟ ବଂଶୋଦ୍ଭବ ମେୟର ଜୋହରାନ ମମଦାନୀ ଏହାର ସାର୍ବଜନୀକ ବିରୋଧ କରିଛନ୍ତି। ମମଦାନି ଆରଏସଏସ୍‌କୁ ଭେଦଭାବ ପୂର୍ଣ୍ଣ ଶକ୍ତି ବୋଲି କହିଛନ୍ତି, କିନ୍ତୁ ଏହା ସହ ସ୍ୱୀକାର କରିଛି ଯେ, ଏହି ଆୟୋଜନକୁ ରଦ୍ଦ କରିବା ତାଙ୍କ ଅଧିକାର ସୀମାରେ ନାହିଁ। କଥା କେବଳ ବିରୋଧ ପର୍ଯ୍ୟନ୍ତ ନୁହେଁ। ଆୟୋଜନର ତିନି ଦିନ ପୂର୍ବରୁ ଆୟୋଜକ ସଂଗଠନର ଏକ୍ସ ଆକାଉଣ୍ଟ ସସପେଣ୍ଡ କରି ଦିଆଯାଇଥିଲା। ଯାହାକି କିଛି ଘଣ୍ଟା ପରେ ଚାଲୁହୋଇଥିଲା।ଆୟୋଜକଙ୍କ କହିବା ଅନୁସାରେ, ମାସ୍ ରିପୋର୍ଟିଂ କାରଣରୁ ଏଭଳି ହୋଇଥିଲା।

ଏହା ପୂର୍ବରୁ ଭାଗବତ ଶନିବାର ନ୍ୟୁୟର୍କର ଇସ୍କନ ମନ୍ଦିର ପହଁଞ୍ଚିଥିଲେ। ଏଠାରେ, ସେ କହିଥିଲେ ଯେ ବିଶ୍ୱରେ ବିବାଦ ଏବଂ ବିରୋଧାଭାସରେ ପରିପୂର୍ଣ୍ଣ, କିନ୍ତୁ ଏହି ଭଳି ସମୟରେ, କେବଳ ଗୋଟିଏ ଚେତନା ସମସ୍ତଙ୍କୁ ଏକ କରିପାରିବ। ଏହା ହେଉଛି 'କୃଷ୍ଣ ଚେତନା'। ତାହା ହିଁ ଲୋକଙ୍କୁ ଏକ କରିପାରିବ। ଏହା ସମସ୍ତଙ୍କୁ ଶିଖାଏ ଯେ ଆମେ ସମସ୍ତେ ଏକ। ସେ କହିଥିଲେ ଯେ ବିଶ୍ୱରେ ଯେତେ ବିବିଧତା ଏବଂ ପାର୍ଥକ୍ୟ ଥାଉ ନା କାହିଁକି,ବାସ୍ତବରେ ସବୁକିଛି 'କୃଷ୍ଣ'। ସେ କହିଥିଲେ ଯେ ଯଦି 'ସମସ୍ତ କିଛି କୃଷ୍ଣ' ଏହି ଧାରଣା ସମସ୍ତଙ୍କ ପାଖରେ ପହଞ୍ଚିଯାଏ, ତେବେ ବିଶ୍ୱ ବହୁତ ଭଲ ସ୍ଥାନ ହୋଇଯିବ।ଏବେ, ଯେତେବେଳେ ମୋହନ ଭାଗବତ ଭାରତୀୟ ପ୍ରବାସୀଙ୍କୁ ସମ୍ବୋଧିତ କରିବେ, ଏହାର ପ୍ରଭାବ କେବଳ ବନ୍ଦ ଦ୍ୱାର ପର୍ଯ୍ୟନ୍ତ ସୀମିତ ରହିବ ନାହିଁ। ଏହାର ସର୍ବାଧିକ ପ୍ରଭାବ ଡିଜିଟାଲ ଦୁନିଆରେ ଅନୁଭୂତ ହେବ। ଏହି କାର୍ଯ୍ୟକ୍ରମ ଆରଏସଏସ ଏବଂ ବିଜେପି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ଭାବରେ ଉଭା ହେବେ। ନ୍ୟୁୟର୍କର ସବୁଠାରୁ ପ୍ରସିଦ୍ଧ ସ୍ଥାନ ଗ୍ଲୋବାଲ ସିଟିରେ ଆରଏସଏସ ମୁଖ୍ୟଙ୍କ ସମ୍ବୋଧନ କେବଳ ଏକ ଘଟଣା ନୁହେଁ। ଏହା ଏକ ରାଜନୈତିକ ବାର୍ତ୍ତା ହେବ ଯେ ବିଜେପି-ଆରଏସଏସ ବିଚାରଧାରା ବିଶ୍ୱ ସ୍ତରରେ ହିନ୍ଦୁ ସଭ୍ୟତାକୁ ନୂତନ ସ୍ୱୀକୃତି ଦେଇଛି। ଏହାକୁ ଭାରତୀୟ ଭୋଟରଙ୍କ ମଧ୍ୟରେ 'ହିନ୍ଦୁତ୍ୱର ନରମ ଶକ୍ତିର ବିଜୟ' ଭାବରେ ଦେଖାଯିବ।

ଭାରତର ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହି ଘଟଣାକୁ ନିଜ ଫାଇଦା ପାଇଁ ବ୍ୟବହାର କରିପାରିନ୍ତି। ତାଙ୍କ ପାଖରେ ଦେଖାଇବା ପାଇଁ କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଗୋଷ୍ଠୀଙ୍କ ଏକତ୍ରୀକରଣ ଏବଂ ଆରଏସଏସ ବିଷୟରେ ଜୋହରାନ ମାମଦାନୀଙ୍କ ବୟାନ ରହିଛି। ଏଗୁଡ଼ିକ ବିରୋଧୀଙ୍କୁ ଟାର୍ଗେଟ ପାଇଁ କଞ୍ଚାମାଲ ଯୋଗାଇବ।



## ସଂରକ୍ଷଣ ବିବାଦକୁ ନେଇ ଜିତନ ରାମ ମାଂଝୀଙ୍କ ଇସ୍ତଫା ଦାବି କଲେ ଚିରାଗ ପାଶ୍ୱାନ

ନୂଆଦିଲ୍ଲୀ : ଏନ୍‌ଡିଏ ସରକାରରେ ଏକ ବିରଳ ଘଟଣା ଘଟିଛି। ଦୁଇ ଜଣ ମନ୍ତ୍ରୀ ସଂରକ୍ଷଣ ପ୍ରସଙ୍ଗକୁ ନେଇ ମୁହାଁମୁହିଁ ହୋଇଛନ୍ତି। ଶନିବାର ଦିନ କେନ୍ଦ୍ରମନ୍ତ୍ରୀ ଚିରାଗ ପାଶ୍ୱାନ ତାଙ୍କ ସହଯୋଗୀ ମନ୍ତ୍ରୀ ଜିତନ ରାମ ମାଂଝୀଙ୍କଇସ୍ତଫା ଦାବି କରିଛନ୍ତି। ମାଂଝୀଙ୍କ ଦଳ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ସେକ୍ୟୁଲାର) ସଂରକ୍ଷଣ ନୀତିର ସମୀକ୍ଷା ଦାବି କରିବା ପରେ ଏହି ବିବାଦ ଆରମ୍ଭ ହୋଇଛି।ମାଂଝୀଙ୍କ ହାମ୍ ଦଳ ବର୍ତ୍ତମାନର ସଂରକ୍ଷଣ ବ୍ୟବସ୍ଥା ମଧ୍ୟରେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ପାଇଁ ଉପ-ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରିଥିଲା। ମାଂଝୀଙ୍କ ପୁଅ ତଥା ବିହାର ସରକାରର ମନ୍ତ୍ରୀ ସନ୍ତୋଷ କୁମାର ସୁମନ କହିଥିଲେ ଯେ ସଂରକ୍ଷଣର ସୁବିଧା ସବୁଠାରୁ ଅଧିକ ଅବହେଳିତ ଓ ଐତିହାସିକ ଭାବେ ପଛୁଆ ସମ୍ପ୍ରଦାୟଙ୍କ ନିକଟରେ ପହଞ୍ଚିଛି କି ନାହିଁ, ତାହା ସୁନିଶ୍ଚିତ କରିବା ପାଇଁ ଏହାର ସମୀକ୍ଷା ଆବଶ୍ୟକ । ସେ କହିଥିଲେ ଆମେ ସଂରକ୍ଷଣ ଶେଷ କରିବା କଥା କହୁନାହୁଁ। ଆମେ ସଂରକ୍ଷଣକୁ ଅଧିକ ନ୍ୟାୟସଙ୍ଗତ ଓ ପ୍ରଭାବଶାଳୀ କରିବା ସହ ଏହାର ଲାଭ ପ୍ରକୃତରେ ବଞ୍ଚିତ ଲୋକଙ୍କ ପାଖରେ ପହଞ୍ଚାଇବା କଥା କହୁଛୁ। ଉଲ୍ଲେଖଯୋଗ୍ୟ ମାଂଝୀ ହେଉଛନ୍ତି ମୁସହର ସମ୍ପ୍ରଦାୟର। ଏହା ଦଳିତ ସମ୍ପ୍ରଦାୟ ମଧ୍ୟରେ ଅତ୍ୟନ୍ତ ପଛୁଆ ଗୋଷ୍ଠୀ ଭାବେ ପରିଚିତ।



ହାମ୍ ଦଳର ଏଭଳି ଦାବିର ପ୍ରତିକ୍ରିୟାରେ ମନ୍ତ୍ରୀ ଚିରାଗ ପାଶ୍ୱାନ କହିଛନ୍ତି ଯଦି ଏସ୍‌ସି ସଂରକ୍ଷଣ ମଧ୍ୟରେ ଉପ-ସଂରକ୍ଷଣ ଓ 'କ୍ରିମି ଲେୟର' ବ୍ୟବସ୍ଥା ଚାହୁଛନ୍ତି, ତେବେ ଜିତନ ରାମ ମାଂଝୀ ଓ ତାଙ୍କ ପୁଅ ସନ୍ତୋଷ ସୁମନ ଉଭୟ ମନ୍ତ୍ରୀ ପ୍ରଥମେ ଇସ୍ତଫା ଦେବା ଉଚିତ। ସାମ୍ବାଦିକଙ୍କୁ ପାଶ୍ୱାନ କହିଛନ୍ତି, ଯେଉଁମାନେ କ୍ରିମି ଲେୟର କାହିଁକି ରହିବ ନାହିଁ ବୋଲି ପ୍ରଶ୍ନ କରୁଛନ୍ତି, ସେମାନେ ପ୍ରଥମେ ସଂରକ୍ଷଣର ସୁବିଧା ଛାଡ଼ିଦିଅନ୍ତୁ। ସଂରକ୍ଷଣ ମଧ୍ୟରେ ଉପ-ସଂରକ୍ଷଣ ବ୍ୟବସ୍ଥାକୁ ଏଲ୍‌ଜେପି ସବୁବେଳେ ବିରୋଧ କରିଆସିଛି ବୋଲି ପାଶ୍ୱାନ କହିଛନ୍ତି।

# India rebalances economic ties with US, China in 2026: Report

New Delhi: India has succeeded in rebalancing its economic partnership with both the US and China during 2026 with a negotiated settlement of the tariff dispute that escalated in 2025 with Washington and a calibrated easing of restrictions on Chinese capital for the first time since the border clashes in 2020, according to an article.

February 2, Prime Minister Narendra Modi and President Donald Trump agreed, over the phone, to bring the reciprocal tariff on Indian goods down to 18 per cent from 25 per cent, while dropping the additional 25 per cent punitive duty tied to Russian oil purchases altogether. Both governments have publicly reaffirmed that the India arrangement would hold regardless of the US Supreme Court judgment on tariffs.

Washington has since layered on separate Section 301 duties of 10 per cent, though roughly 45 per cent of Indian exports remain outside their scope, and quartz surface products have been hit with safeguard tariffs running as high as 55 per cent. The net effect is a tariff regime that is lower and more predictable than it was a year ago, states the article by Alok Kumar Kanojia in Geopolitical Monitor.



March 10, the Union Cabinet amended Press Note 3, the 2020 rule that had routed all investment from land-bordering countries through a mandatory government-approval process. The amendment did not reopen the door to direct Chinese investment, which still requires prior clearance. What it did was create an automatic route for entities with non-controlling Chinese beneficial ownership below 10 per cent, along with a 60-day approval timeline for select manufacturing sectors such as capital goods, electronic components, and solar inputs like polysilicon and ingot-wafer. By late August, the government reported roughly Rs 4,896 crore in FDI across 29 projects had come through under the eased norms, spanning IT, pharmaceuticals, data centres, and manufacturing. It is a narrow opening rather than a wide one, but is accompanied with Beijing lifting export curbs on rare earth magnets, fertilisers, and tunnel boring machines in August last year, and border talks have picked up pace through 2026, culminating this week in National Security Advisor Ajit Doval's visit to Beijing for the first Special Representatives dialogue on the boundary dispute in five years, ahead of a BRICS summit New Delhi is hosting next month, the article noted.

## ପ୍ରଥମ ପୃଷ୍ଠାରୁ ଅବଶିଷ୍ଟାଂଶ

ହିମାଂଶୁ ଶେଖର ସାହୁ: ବିଜେପି ସହ ସମ୍ପର୍କ ...

ହିମାଂଶୁ ଶେଖର ସାହୁଙ୍କ ରାଜନୈତିକ ଯାତ୍ରାର ସବୁଠାରୁ ରୋଚକ ଅଧ୍ୟାୟ ହେଉଛି ବିଜେପି ସହ ତାଙ୍କ ସମ୍ପର୍କ। ୨୦୨୪ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗଦେଇ ସକ୍ରିୟ ରାଜନୀତିରେ ପ୍ରବେଶ କରିଥିଲେ। ତାଙ୍କୁ ଧର୍ମଶାଳାରୁ ବିଜେପି ଟିକେଟ୍ ମିଳିନଥିବା ପରେ ସେ ଦଳରୁ ବାହାରି ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ।

ଏହି ଘଟଣା ତାଙ୍କ ରାଜନୈତିକ ଜୀବନକୁ ଏକ ନାଟକୀୟ ମୋଡ଼ ଦେଇଥିଲା। ଦଳୀୟ ଟିକେଟ୍ ନଥିଲେ ମଧ୍ୟ ସେ ନିଜର ଜନସମ୍ପର୍କ ଓ ସ୍ଥାନୀୟ ସମର୍ଥନକୁ ଭରସା କରି ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଓ ବାଜିମାତ ମଧ୍ୟ କରିଥିଲେ ।

କିନ୍ତୁ ଏହି କାହାଣୀର ଆଉ ଏକ ଦିଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ବିଜୟ ପରେ ହିମାଂଶୁ ଶେଖର ସାହୁ ପୁଣିଥରେ ବିଜେପି ଶିବିରକୁ ଫେରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଟିକେଟ୍ ନମିଳିବା ପରେ ସ୍ୱାଧୀନ ଭାବେ ଲଢ଼ିବା ତାଙ୍କର ନିଷ୍ପତ୍ତି ଥିଲା ଏବଂ ନିର୍ବାଚନ ପରେ ଦଳକୁ ଫେରିବା ବିଷୟରେ ସେ ପୂର୍ବରୁ ଘୋଷଣା କରିଥିଲେ।

ଏହି କାରଣରୁ ତାଙ୍କର ରାଜନୈତିକ ପରିଚୟକୁ କେବଳ "Independent MLA" ଭାବେ ଦେଖିଲେ ଚିତ୍ରଟି ସମ୍ପୂର୍ଣ୍ଣ ହୁଏ ନାହିଁ। ତାଙ୍କର ବିଜେପି ସହ ରାଜନୈତିକ ସମ୍ପର୍କ ତାଙ୍କ ବିଜୟ ପୂର୍ବରୁ ଥିଲା ଏବଂ ବିଜୟ ପରେ ମଧ୍ୟ ସେ ବିଜେପି ଶିବିର ସହିତ ରାଜନୈତିକ ଭାବେ ଜଡ଼ିତ ରହିଛନ୍ତି। ତଥାପି ବିଧାନସଭାର ଅଧିକୃତ ତାଲିକାରେ ସେ ବର୍ତ୍ତମାନ ମଧ୍ୟ "Independent" ଭାବେ ଦର୍ଶାଯାଇଛନ୍ତି।

**ମୋହନ ମାଝୀ ସରକାର ଓ ବିଜେପି ଶିବିର ସହ ତାଙ୍କ ସମ୍ପର୍କ**

୨୦୨୪ରେ ଓଡ଼ିଶାରେ ବିଜେପି ପ୍ରଥମଥର ପାଇଁ ସ୍ୱତନ୍ତ୍ର ଭାବେ ସରକାର ଗଠନ କରିଥିଲା। ଏହି ନୂଆ ରାଜନୈତିକ ପରିସ୍ଥିତିରେ ହିମାଂଶୁ ଶେଖର ସାହୁଙ୍କ ଭୂମିକା ଧର୍ମଶାଳା ସୀମାରେ ଅଟକି ରହିନଥିଲା। ସେ ବିଜେପିର ରାଜ୍ୟ ନେତୃତ୍ୱ ଓ ସରକାର ସହ ସମନ୍ୱୟ ରଖି ଧର୍ମଶାଳାର ବିକାଶ ପାଇଁ ସରକାରୀ ସହଯୋଗ ଆଣିବାର ରାଜନୈତିକ ସୁଯୋଗ ପାଇଛନ୍ତି।

୨୦୨୫ରେ ଧର୍ମଶାଳା ବ୍ଲକ୍‌ର ରାଜନୈତିକ ପରିବର୍ତ୍ତନ ସମୟରେ ମଧ୍ୟ ସେ ବିଜେପି ସମର୍ଥିତ ସ୍ଥାନୀୟ ପ୍ରତିନିଧିମାନଙ୍କ ସହିତ ସକ୍ରିୟ ଥିବା ଖବର ପ୍ରକାଶ ପାଇଥିଲା। ପରେ ସେ ସରପଞ୍ଚ ଓ ସମିତି ସଦସ୍ୟମାନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ।

ଏହି ଘଟଣା ଧର୍ମଶାଳାର ସ୍ଥାନୀୟ ରାଜନୀତିରେ ତାଙ୍କର ବଢୁଥିବା ସଂଗଠନାତ୍ମକ ପ୍ରଭାବକୁ ଦର୍ଶାଏ। ବିଶେଷକରି ବିଜେପି ରାଜ୍ୟରେ ସରକାରରେ ଥିବାରୁ ଜଣେ ଶାସକ ଶିବିର ସହ ନିକଟତା ରଖୁଥିବା ଧର୍ମଶାଳା ବିଧାୟକଙ୍କ ପାଇଁ ନିଜ ନିର୍ବାଚନମଣ୍ଡଳୀର ବିକାଶ ପ୍ରକଳ୍ପ ନେଇ ବିଭାଗୀୟ ସମନ୍ୱୟ କରିବାର ଅଧିକ ସୁଯୋଗ ରହିଛି।

**ଓଡ଼ିଶା ରାଜନୀତିରେ ହିମାଂଶୁଙ୍କ ସ୍ଥାନ**

ହିମାଂଶୁ ଶେଖର ସାହୁଙ୍କୁ ନେତୃତ୍ୱ ଏବେ ଓଡ଼ିଶାର ରାଜ୍ୟସ୍ତରୀୟ ନେତୃତ୍ୱ ଭିତରେ ଏକ ଚର୍ଚ୍ଚିତ ଚେହେରା ରୂପେ ଚର୍ଚ୍ଚାର ଖୋରାକ ଯୋଗାଇ ଥାଏ। କିନ୍ତୁ ତାଙ୍କର ରାଜନୈତିକ ଉଦୟକୁ ଅଣଦେଖା କରିବା ମଧ୍ୟ ସମ୍ଭବ ନୁହେଁ। ୨୦୨୪ରେ ଓଡ଼ିଶାରେ ବିଜେଡିର ଦୀର୍ଘ ଶାସନ ପରେ ରାଜନୈତିକ ପରିବର୍ତ୍ତନ ଘଟିଥିଲା। ସେହି ନିର୍ବାଚନରେ ସମସ୍ତଙ୍କୁ ଚକିତ କରି ବାଜିମାତ କରିଥିଲେ ହିମାଂଶୁ । ଏହି ଫଳାଫଳକୁ ସ୍ଥାନୀୟ ଜନସମ୍ପର୍କ, ପରିବର୍ତ୍ତନର ଆକାଂକ୍ଷା ଓ ଆଣ୍ଟି-ଇନକମ୍ବେନ୍ସିର ଏକ ସଙ୍କେତ ଭାବେ ବିଶ୍ଳେଷଣ କରାଯାଇଥିଲା।

ଏହି ପରିପ୍ରେକ୍ଷିରେ ହିମାଂଶୁଙ୍କ ଗୁରୁତ୍ୱ ହେଉଛି—ସେ ଦଳୀୟ ପ୍ରତୀକ ବିନା ନିର୍ବାଚନ ଜିତି ମଧ୍ୟ ପରେ ବିଜେପି ସହ ରାଜନୈତିକ ଭାବେ ନିକଟତା ରଖିପାରିଛନ୍ତି। ଏହା ତାଙ୍କୁ ସ୍ଥାନୀୟ ଜନାଧାର ଓ ଶାସକ ଦଳ ସହ ସମ୍ପର୍କ—ଏହି ଦୁଇଟି ରାଜନୈତିକ ପୁଞ୍ଜି ଦେଇଛି।

**ଧର୍ମଶାଳାରେ ବିଜେପି ପାଇଁ ତାଙ୍କର ଗୁରୁତ୍ୱ**

ଧର୍ମଶାଳା ଦୀର୍ଘ ସମୟ ଧରି ବିଜେଡିର ଏକ ଶକ୍ତିଶାଳୀ ଆଧାର ଭାବେ ପରିଚିତ ଥିଲା। ୨୦୨୪ରେ ହିମାଂଶୁ ଶେଖର ସାହୁଙ୍କ ବିଜୟ ଏହି ରାଜନୈତିକ ସମୀକରଣକୁ ବଦଳାଇଥିଲା। ତେଣୁ ଧର୍ମଶାଳାରେ ବିଜେପିର ଭବିଷ୍ୟତ ସଂଗଠନକୁ ମଜବୁତ କରିବାରେ ତାଙ୍କ ଭୂମିକା ରାଜନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ।

ତାଙ୍କ ପାଖରେ ଏକ ବିଶେଷ ସୁଯୋଗ ରହିଛି—ବିଜେପିର ସଂଗଠନାତ୍ମକ ଶକ୍ତିକୁ ନିଜର ସ୍ଥାନୀୟ ଜନସମ୍ପର୍କ ସହିତ ଯୋଡ଼ିବା। ଯଦି ଏହି ଦୁଇଟିକୁ ସଫଳ ଭାବେ ଏକାଠି କରିପାରନ୍ତି, ତେବେ ଧର୍ମଶାଳାରେ ବିଜେପିର ଆଧାର ଆହୁରି ସୁଦୃଢ଼ ହୋଇପାରେ।

**ବିଧାନସଭାରେ ତାଙ୍କର ଉପସ୍ଥିତି**

ଜଣେ ନୂଆ ବିଧାୟକ ଭାବେ ବିଧାନସଭାରେ ତାଙ୍କର ପ୍ରଶ୍ନ ଉଠାଇବାର ଭୂମିକା ମଧ୍ୟ ଉଲ୍ଲେଖନୀୟ। PRS Legislative Research ଅନୁସାରେ ୨୦୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ସେ ୧୨୪ଟି ପ୍ରଶ୍ନ ଉଠାଇଥିଲେ, ଯାହା ସେହି ସମୟର ରାଜ୍ୟ ବିଧାୟକମାନଙ୍କ ହାରାହାରି ୧୩୫.୬ ପ୍ରଶ୍ନ ତୁଳନାରେ କିଛି କମ୍।

ଏହି ତଥ୍ୟକୁ ଦେଖିଲେ କୁହାଯାଇପାରେ ଯେ ସେ ବିଧାନସଭାରେ ସକ୍ରିୟ ହେବାର ଚେଷ୍ଟା କରୁଛନ୍ତି। ଆଗାମୀ ଦିନରେ ଏହି ପ୍ରଶ୍ନଗୁଡ଼ିକ କେତେ ଦୂର ଧର୍ମଶାଳାର ମୂଳ ସମସ୍ୟା—ରାସ୍ତା, ପାଣି, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାର, କୃଷି ଓ ଶିଳ୍ପ—ସହ ଯୋଡ଼ିତ ହେଉଛି, ତାହା ତାଙ୍କ ବିଧାୟକ ଭୂମିକାର ଏକ ମୁଖ୍ୟ ମାପଦଣ୍ଡ ହେବ।

**ରାଜ୍ୟ ରାଜନୀତିରେ ଆଗାମୀ ସମ୍ଭାବନା**

ହିମାଂଶୁ ଶେଖର ସାହୁଙ୍କ ରାଜନୈତିକ ଜୀବନ ଏବେ ଆରମ୍ଭିକ ପର୍ଯ୍ୟାୟରେ। ତାଙ୍କୁ ଆଗାମୀ ଦିନରେ ରାଜ୍ୟସ୍ତରୀୟ ନେତା ଭାବେ କେତେ ଦୂର ଗ୍ରହଣ କରାଯିବ, ତାହା ତାଙ୍କର ଆଗାମୀ କାର୍ଯ୍ୟ ଉପରେ ନିର୍ଭର କରିବ।

ତାଙ୍କ ପାଖରେ ତିନୋଟି ବଡ଼ ରାଜନୈତିକ ପୁଞ୍ଜି ରହିଛି—

ପ୍ରଥମ—ସ୍ଥାନୀୟ ଜନାଧାର।

୨୦୨୪ରେ ଦଳୀୟ ଟିକେଟ୍ ବିନା ନିର୍ବାଚନ ଜିତିବା ତାଙ୍କ ବ୍ୟକ୍ତିଗତ ରାଜନୈତିକ ଶକ୍ତିକୁ ଦର୍ଶାଏ।

ଦ୍ୱିତୀୟ—ବିଜେପି ନେତୃତ୍ୱ ସହ ସମ୍ପର୍କ।

ନିର୍ବାଚନ ପରେ ବିଜେପି ଶିବିରକୁ ଫେରିବା ଏବଂ ରାଜ୍ୟ ସରକାରର ନେତୃତ୍ୱ ସହ ସାର୍ବଜନୀନ ଭାବେ ଯୋଗାଯୋଗ ରଖିବା ତାଙ୍କୁ ଶାସକ ଶିବିର ସହ ଏକ ସମ୍ପର୍କ ଦେଇଛି।

ତୃତୀୟ—ଯୁବ ଚେହେରାର ପରିଚୟ।

୧୯୮୫ରେ ଜନ୍ମ ହୋଇଥିବାରୁ ସେ ଓଡ଼ିଶାର ଅପେକ୍ଷାକୃତ ଯୁବ ବିଧାୟକମାନଙ୍କ ମଧ୍ୟରେ ଅଛନ୍ତି। ଏହି ଯୁବ ଛବିକୁ ଯଦି ବିକାଶ, ରୋଜଗାର ଓ ଯୁବ ନୀତି ସହିତ ଯୋଡ଼ାଯାଏ, ତେବେ ତାଙ୍କର ରାଜନୈତିକ ପ୍ରଭାବ ଆହୁରି ବଢ଼ିପାରେ।

**ଏକ ସ୍ୱାଧୀନ ବିଧାୟକରୁ ଭବିଷ୍ୟତର ରାଜନୈତିକ ଚେହେରା?**

ହିମାଂଶୁ ଶେଖର ସାହୁଙ୍କ ରାଜନୈତିକ ଯାତ୍ରାର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ତାଙ୍କର ଦଳୀୟ ରାଜନୀତି ଓ ବ୍ୟକ୍ତିଗତ ଜନାଧାର ମଧ୍ୟରେ ସମନ୍ୱୟ।

ସେ ପ୍ରଥମେ ବିଜେପିରେ ଆସିଲେ, ଟିକେଟ୍ ନମିଳିବା ପରେ ସ୍ୱାଧୀନ ଭାବେ ଲଢ଼ିଲେ, ବିଜେଡିର ଶକ୍ତିଶାଳୀ ପ୍ରାର୍ଥୀଙ୍କୁ ପରାସ୍ତ କଲେ ଏବଂ ପରେ ପୁଣି ବିଜେପି ଶିବିରକୁ ଫେରିଲେ। ଏହି ଯାତ୍ରା ଓଡ଼ିଶାର ନୂଆ ରାଜନୈତିକ ସମୀକରଣର ଏକ ରୋଚକ ଉଦାହରଣ।

ତେବେ ତାଙ୍କୁ ଏବେଠାରୁ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱରେ ରହିଥିବା ବୋଲି କହିବା ଠିକ୍ ହେବ ନାହିଁ। ତାଙ୍କର ପ୍ରକୃତ ରାଜନୈତିକ ଉଚ୍ଚତା ଆଗାମୀ ବର୍ଷଗୁଡ଼ିକର କାର୍ଯ୍ୟ, ଧର୍ମଶାଳାର ବିକାଶ, ବିଧାନସଭାରେ ପ୍ରଭାବଶାଳୀ ଭୂମିକା ଏବଂ ବିଜେପି ସଂଗଠନ ସହ ତାଙ୍କ ସମନ୍ୱୟ ଦ୍ୱାରା ନିର୍ଣ୍ଣୟ ହେବ।

ନିଷ୍କର୍ଷ

ହିମାଂଶୁ ଶେଖର ସାହୁ ଆଜି ଧର୍ମଶାଳାର ଜଣେ ବିଧାୟକ ମାତ୍ର ନୁହେଁ; ୨୦୨୪ର ଅସାଧାରଣ ନିର୍ବାଚନୀ ଫଳାଫଳ ତାଙ୍କୁ ଓଡ଼ିଶାର ନୂଆ ରାଜନୈତିକ ସମୀକରଣର ଏକ ଚର୍ଚ୍ଚିତ ଚେହେରା କରିଛି।

ତାଙ୍କର ସବୁଠାରୁ ବଡ଼ ଶକ୍ତି ହେଉଛି ଧର୍ମଶାଳାର ଜନାଧାର; ତାଙ୍କର ବଡ଼ ସୁଯୋଗ ହେଉଛି ରାଜ୍ୟରେ ବିଜେପି ସରକାର ସହ ସମନ୍ୱୟ; ଏବଂ ତାଙ୍କର ବଡ଼ ପରୀକ୍ଷା ହେଉଛି—ଏହି ଦୁଇଟି ଶକ୍ତିକୁ ଧର୍ମଶାଳାର ବାସ୍ତବ ବିକାଶରେ କେତେ ଦୂର ପରିଣତ କରିପାରୁଛନ୍ତି।

ଧର୍ମଶାଳାର ମାଟିରୁ ଆରମ୍ଭ ହୋଇଥିବା ଏହି ରାଜନୈତିକ ଯାତ୍ରା ଆଗାମୀ ଦିନରେ ଓଡ଼ିଶା ରାଜନୀତିରେ କେତେ ବଡ଼ ଆକାର ନେବ—ତାହା ସମୟ ହିଁ କହିବ।

### ଏଫଆଇଆରରେ...

- ୨୦୨୬ର ଆକ୍ରମଣ ପରେ କ'ଣ ପଦକ୍ଷେପ ନିଆଯାଇଛି?
- CCTV ଫୁଟେଜ୍‌କୁ ତଦନ୍ତରେ ସାମିଲ କରାଯାଇଛି କି?
- ନାବାଳିକାଙ୍କୁ ନେଇ ଆସିଥିବା ଅଭିଯୋଗରେ କ'ଣ ପଦକ୍ଷେପ ନିଆଯାଇଛି?
- FIRରେ ଜମିବାଡ଼ି ବିବାଦର ଉଲ୍ଲେଖ ନଥିଲେ ଏହାକୁ 'Civil Case' ବୋଲି କହିବାର ଆଧାର କ'ଣ?

ଏହି ସମସ୍ତ ପ୍ରଶ୍ନର ସ୍ପଷ୍ଟ ଉତ୍ତର ପୁରୀ ପୋଲିସ ଏବଂ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ଆସିବା ଆବଶ୍ୟକ। ମହିଳାଙ୍କ ଅଭିଯୋଗ ସତ୍ୟ କି ନୁହେଁ, ତାହା ତଦନ୍ତର ବିଷୟ; କିନ୍ତୁ ଅଭିଯୋଗର ପ୍ରତ୍ୟେକ ଦିଗକୁ ଆଇନ ଅନୁଯାୟୀ ଯାଞ୍ଚ କରି ନିରପେକ୍ଷ ଭାବେ ପଦକ୍ଷେପ ନିଆଯିବା ହିଁ ଏବେ ସବୁଠାରୁ ବଡ଼ ଆବଶ୍ୟକତା।

## स्मृत मिंधाना ने महिला क्रिकेट का बदल दिया इतिहास, बल्ले से बनाया वर्ल्ड रिकॉर्ड

नई दलि्ली। भारत की सलामी बल्लेबाज स्मृत मिंधाना ने महलिा एशयिा कप में थाईलैंड के खलिाफ खेलते हुए इतिहास रच दयिा है। उन्होंने महलिा क्रकिेट के इतिहास को बदल दयिा है और खास लसि्ट में दूसरे स्थान पर पहुंच गई हैं। भारतीय टीम ने महलिा एशयिा कप 2026 का आगाज थाईलैंड के खलिाफ कयिा और पहले ही मैच में मंधाना ने इतिहास रच दयिा है।

मंधाना थाईलैंड के खलिाफ मुकाबले में भाग्यशाली नहीं रहीं। उन्होंने बड़े-बड़े शॉट्स लगाने शुरू कएि थे लेकनि दुर्भाग्यवश वे रन आउट हो गईं और बड़ी पारी नहीं खेल सकीं। हालांकि, अपनी 19 रनों की पारी में ही उन्होंने इतिहास रच दयिा और सूजी बेट्स को पीछे छोड़कर खास लसि्ट में दूसरे स्थान पर पहुंच गई हैं। उन्होंने न्यूजीलैंड की पूर्व दगि्गज बल्लेबाज सूजी बेट्स को पीछे छोड़ा है।

मंधाना ने महलिा इंटरनेशनल क्रकिेट में सबसे अधकि रन बनाने के मामले में दूसरे स्थान पर पहुंच गई हैं। वे अब भारत की पूर्व दगि्गज बल्लेबाज मतिाली राज से पीछे हैं। मंधाना ने बेट्स को इस मामले में फलिहाल पीछे छोड़ा है। वे थाईलैंड के खलिाफ बड़ी पारी नहीं खेल सकीं और 10 गेंदों पर 19 रन बनाकर आउट हो गईं, जसिमें 4 चौके शामलि रहे। इस दौरान उन्होंने लसि्ट में दूसरे स्थान पर खुद को पहुंचा दयिा। उन्हें बेट्स को पीछे छोड़ने के लएि 4 रनों की जरूरत थी और चार रन बनाते ही मंधाना ने इतिहास रच दयिा।

## ଧୋନୀଙ୍କଠାରୁ ସଚିନ ଅଧିକ ଧନି

ମୁମ୍ବାଇ: ଭାରତୀୟ କ୍ରିକେଟରେ ସଚିନ ତେନ୍ଦୁଲକର ଏବଂ ଏମଏସ ଧୋନୀ ଦୁଇ ଏଭଳି ନାମ ଯାହାଙ୍କ ଲୋକପ୍ରିୟତା କେବଳ କ୍ରିକେଟ ମୈଦାନରେ ସୀମିତ ନୁହେଁ । ସଚିନ ନିଜ ବ୍ୟାଟିଂରେ ସାରା ବିଶ୍ୱରେ ଏକ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି । ଯାହାକି ଧୋନୀ ନିଜ ଅଧିନାୟକ ଏବଂ ଶାନଦାର ଫିନିଶନର ଭାବେ କୋଟି କୋଟି ଫ୍ୟାନ୍ସ ବନାଇଛନ୍ତି। ଉଭୟେ କ୍ରିକେଟରୁ ଭଲ ଆୟ କରିଛନ୍ତି, କିନ୍ତୁ ରିଟାୟରମେଣ୍ଟ ପରେ ବି ତାଙ୍କ ଆୟର ଉତ୍ସ କମି ନାହିଁ । ଏବେ ପ୍ରଶ୍ନ ଉଠୁଛି କି ସଚିନ ତେନ୍ଦୁଲକର କିମ୍ବା ଏମଏସ ଧୋନୀଙ୍କ ମଧ୍ୟରୁ ଅଧିକ ଧନୀ କିଏ ? ୨୦୨୬ରେ ସାମ୍ନାକୁ ଆସିଥିବା ଭିନ୍ନ ଭିନ୍ନ ରିପୋର୍ଟ ଅନୁସାରେ ଏହି ମାମଲାରେ ସଚିନ ତେନ୍ଦୁଲକର ଧୋନୀଙ୍କଠାରୁ ଆଗରେ ଦେଖାଯାଉଛନ୍ତି । ମାତ୍ର ଏହି ସଂଖ୍ୟା ଅଫିସିଆଲ ଭାବେ ଘୋଷିତ ନେଟଓ୍ୱର୍ଥ ନୁହେଁ ଏବଂ ଭିନ୍ନ ଭିନ୍ନ ରିପୋର୍ଟ୍ସରେ ତାଙ୍କ ସମ୍ପତ୍ତିକୁ ନେଇ ପାର୍ଥକ୍ୟ ଦେଖିବାକୁ ମିଳୁଛି ।ସଚିନ ତେନ୍ଦୁଲକରଙ୍କ ଆୟର ବଡ଼ ଭାଗ ବ୍ରାଣ୍ଡ ଅନୁମୋଦନରୁ ଆସିଥାଏ । କ୍ରିକେଟ ସମୟରେ ତିଆରି କରିଥିବା ବ୍ରାଣ୍ଡ ଭ୍ୟାଲୁ ଆଜି ବି ଜାରି ରହିଛି । ଏହି କାରଣରୁ ରିଟାୟରମେଣ୍ଟ ପରେ ବି କେତେକ କମ୍ପାନୀ ତାଙ୍କ ସହ ଯୋଡ଼ି ହେବାକୁ ପସନ୍ଦ କରୁଛନ୍ତି ସଚିନ କେବଳ ବିଜ୍ଞାପନ ପର୍ଯ୍ୟନ୍ତ ନିଜକୁ ସୀମିତ ରଖି ନାହାନ୍ତି । ସେ ଭିନ୍ନ ଭିନ୍ନ ବ୍ୟବସାୟ ଏବଂ ଷ୍ଟାର୍ଟଅପ୍ସରେ ନିବେଶ କରିଛନ୍ତି । ଏହା ବ୍ୟତୀତ ପ୍ରପର୍ଟି ଏବଂ ଅନ୍ୟ ସମ୍ପତ୍ତି ବି ତାଙ୍କ ସମ୍ପୂର୍ଣ୍ଣ ସମ୍ପତ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । କ୍ରିକେଟରୁ ଦୂରେଇ ରହିବା ପରେ ତାଙ୍କ ନାମରେ ଏବେ ବି ରୋଜଗାରର ମଜବୁତ ମାଧ୍ୟମ ପାଲଟିଛି ।



ଏମଏସ ଧୋନୀ ବି ଆୟର ମାମଲାରେ ବହୁ ଆଗରେ ଅଛନ୍ତି। ଆଇପିଏଲ୍ ତାଙ୍କ ଆୟର ପ୍ରମୁଖ ଉତ୍ସ ମଧ୍ୟରେ ସାମିଲ ଅଟେ। ଚେନ୍ନାଇ ସୁପର କିଙ୍ଗ୍ସ ସହ ତାଙ୍କ ଲମ୍ବା ସମ୍ପର୍କ ତାଙ୍କୁ କ୍ରିକେଟ ବ୍ୟତୀତ ଏକ ମଜବୁତ କମର୍ଶିଆଲ ବ୍ରାଣ୍ଡ ବି ତିଆରି କରିଛି । ଧୋନୀଙ୍କ ଆୟରେ ବ୍ରାଣ୍ଡ ଅନୁମୋଦନର ବଡ଼ ଯୋଗଦାନ ରହିଛି। ସେ କେତେକ ଭିନ୍ନ ଭିନ୍ନ ସେକ୍ଟରର କମ୍ପାନୀ ସହ ଯୋଡ଼ି ହୋଇ ଅଛନ୍ତି। ଏହାସହ ସେ ଟେକ୍ନୋଲୋଜି, ସ୍ପୋର୍ଟ୍ସ, ଫିଟନେଶ, ଫୁଡ୍ ଏବଂ ଅନ୍ୟ ବ୍ୟବସାୟରେ ଯୋଡ଼ି ହୋଇ ନିବେଶ କରିଛନ୍ତି ।ରିପୋର୍ଟ ଅନୁସାରେ, ସଚିନ ତେନ୍ଦୁଲକରଙ୍କ ନେଟଓ୍ୱର୍ଥ ପ୍ରାୟ ୧,୪୧୫କୋଟି ଟଙ୍କା କୁହାଯାଉଛି। ସେହିଭଳି ଏମଏସ ଧୋନୀଙ୍କ ଆନୁମାନିକ ସମ୍ପତ୍ତି ପ୍ରାୟ ୧,୦୭୦ରୁ ୧୨,୦୦କୋଟି ଟଙ୍କା ମଧ୍ୟରେ ବୋଲି କୁହାଯାଉଛି । ଏହି ହିସାବରେ ସଚିନ ତେନ୍ଦୁଲକର ପ୍ରାୟ ଧୋନୀଙ୍କଠାରୁ ଆଗରେ ନଜର ଆସୁଛନ୍ତି । ମାତ୍ର ଉଭୟଙ୍କ ବାସ୍ତବିକ ନେଟଓ୍ୱର୍ଥ ସାର୍ବଜନୈକ ରୂପରେ ସମ୍ପୂର୍ଣ୍ଣ ରୂପରେ ସ୍ପଷ୍ଟ ହୋଇନାହିଁ ।

## ଏସିଆନ୍ ଗେମ୍ସରୁ ନୀରଜ ବାଦ୍

ନୂଆଦିଲ୍ଲୀ: ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ତଥା ଦୁଇଥର ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରାଙ୍କ ୨୦୨୬ ସିଜନ୍ ଆହତ କାରଣରୁ ଅଚାନକ ଶେଷ ହୋଇଛି। ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଣ୍ଟ ଛିଣ୍ଡିଯାଇଥିବାରୁ ସେ ଚଳିତ ବର୍ଷର ବାକି ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି। ଏହି ଆଘାତ ଯୋଗୁଁ ନୀରଜ ଆଗାମୀ ଏସିଆନ୍ ଗେମ୍ସ ଏବଂ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ଅଂଶଗ୍ରହଣ କରିପାରିବେ ନାହିଁ। ଫଳରେ ଏସିଆନ୍ ଗେମ୍ସରେ ଭାରତ ପାଇଁ ପଦକର ମୁଖ୍ୟ ଆଶା ଥିବା ନୀରଜଙ୍କ ଅଭିଯାନ ଆରମ୍ଭ ହେବା ପୂର୍ବରୁ ହିଁ ଶେଷ ହୋଇଯାଇଛି। ନୀରଜ ନିଜେ ସୋସିଆଲ୍ ମିଡିଆରେ ପୋଷ୍ଟ କରି ଆହତ ହେବା ଏବଂ ଚଳିତ ସିଜନ୍‌ର ବାକି ପ୍ରତିଯୋଗିତାରୁ ଓହରିବା ନେଇ ସୂଚନା ଦେଇଛନ୍ତି। ଡାକ୍ତର ଏବଂ ନିଜ ଟିମ୍ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।ନୀରଜ କହିଛନ୍ତି ଯେ, ନିଜର ପ୍ରତିଯୋଗିତାମୂଳକ ଇଭେଣ୍ଟ ପରେ ଟ୍ରେନିଂ ସମୟରେ ତାଙ୍କ ଗୋଇଠିରେ ଲିଗାମେଣ୍ଟ ଛିଣ୍ଡିଯାଇଥିଲା। ଡାକ୍ତର ଏବଂ ଟିମ୍ ସହ ଆଲୋଚନା କରିବା ପରେ ଚଳିତ ସିଜନ୍‌ର ବାକି ଇଭେଣ୍ଟଗୁଡ଼ିକରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାର ଅର୍ଥ ହେଉଛି, ଏବେ ନୀରଜଙ୍କୁ ରିକଭରି ଉପରେ ଧ୍ୟାନ ଦେବାକୁ ପଡ଼ିବ। ୨୦୨୬ରେ ତାଙ୍କର ଫର୍ମ ଧୀରେ ଧୀରେ ଫେରୁଥିବା ଦେଖାଯାଉଥିବା ବେଳେ ଏହି ଆଘାତ ତାଙ୍କ ଅଭିଯାନକୁ ବଡ଼ ଝଟକା ଦେଇଛି।୨୮ ବର୍ଷୀୟ ନୀରଜ ଆଘାତ କାରଣରୁ ଦୀର୍ଘ ସମୟ ପ୍ରତିଯୋଗିତାରୁ ଦୂରେଇ ରହିବା ପରେ ଜୁନ୍‌ରେ ଦୋହା ଡାଏମଣ୍ଡ ଲିଗ୍ ମାଧ୍ୟମରେ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ ୮୫.୬୯ ମିଟର୍‌ର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହିଥିଲେ। ଏହା ପରେ ଗ୍ଲାସଗୋରେ ନୀରଜ ୮୫.୮୩ ମିଟର୍‌ର ଥ୍ରୋ କରି ରୌପ୍ୟ ପଦକ ଜିତିଥିଲେ। ତାଙ୍କ ଫର୍ମରେ ଉନ୍ନତି ଦେଖାଯାଉଥିବାରୁ ଏସିଆନ୍ ଗେମ୍ସ ପୂର୍ବରୁ ନୀରଜ ନିଜର ଶ୍ରେଷ୍ଠ ଲୟକୁ ଫେରିବେ ବୋଲି ଆଶା କରାଯାଉଥିଲା। ଲୁସାନେରେ ଅନୁଷ୍ଠିତ ଇଭେଣ୍ଟରେ ନୀରଜ ନିଜର ଚଳିତ ସିଜନ୍‌ର ସର୍ବଶ୍ରେଷ୍ଠ ଥ୍ରୋ କରିଥିଲେ। ଏହା ତାଙ୍କୁ ଫର୍ମକୁ ଫେରାଇବାର ସଙ୍କେତ ଦେଉଥିଲା। ଗ୍ଲାସଗୋରେ ନୀରଜ ପୋଡିୟମ୍ ଫିନିଶ୍ କରିଥିଲେ ମଧ୍ୟ ସ୍ୱର୍ଣ୍ଣ ପଦକ ଶ୍ରୀଲଙ୍କାର ରୁମେଶ ପଥିରାଗେ ଜିତିନେଇଥିଲେ। ସେ ୮୯.୭୫ ମିଟର୍‌ର ଚମତ୍କାର ଥ୍ରୋ କରି ସ୍ୱର୍ଣ୍ଣ ହାତେଇଥିଲେ। ଲୁସାନେ ଇଭେଣ୍ଟକୁ ଏସିଆନ୍ ଗେମ୍ସ ପ୍ରସ୍ତୁତିର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଭାବେ ଦେଖାଯାଉଥିଲା।



## ଏପର୍ଯ୍ୟନ୍ତ କ୍ଷମତା ଅନୁଯାୟୀ ପ୍ରଦର୍ଶନ କରିନାହାନ୍ତି ପନ୍ତ : ଅଶ୍ୱିନ

ମୁମ୍ବାଇ : ରିଷଭ ପନ୍ତ ଏପର୍ଯ୍ୟନ୍ତ ତାଙ୍କ କ୍ଷମତା ଅନୁଯାୟୀ ପ୍ରଦର୍ଶନ କରିନାହାଁନ୍ତି । ପନ୍ତ ତାଙ୍କର ଖରାପ ନିଷ୍ପତ୍ତି ଯୋଗୁଁ ଏକାଧିକ ମ୍ୟାଚ ପାଇଁ ଦଳରେ ସାମିଲ ହୋଇପାରୁ ନାହାନ୍ତି। ଏଭଳି ଟିପ୍ପଣୀ କରିଛନ୍ତି ପୂର୍ବତନ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ । ଅଶ୍ୱିନ କହିଛନ୍ତି ଯେ ପନ୍ତ ସମସ୍ତ ଫର୍ମାଟରେ ଖେଳୁଥିବା ଖେଳାଳିଭାବେ ଦୀର୍ଘଦିନ ଧରି ରହିପାରିବେ । ତାଙ୍କର ସେ କ୍ଷମତା ଅଛି । ଦଳ୍ୟାନେଜମେଣ୍ଟ ପନ୍ତଙ୍କୁ \"ଏକ ପିଢ଼ିରେ ଥରେ ଆସୁଥିବା ଖେଳାଳି' ବୋଲି କହି ତାଙ୍କୁ 'ବିଶେଷ ବ୍ୟବହାର' ଦେବା ଉଚିତ୍ ନୁହେଁ । ଅଶ୍ୱିନ "ଅଶ୍ୱିନ କି ବାତ" କାର୍ଯ୍ୟକ୍ରମରେ କହିଥିଲେ ଯେ କୌଣସି ଜଣେ ଖେଳାଳିଙ୍କୁ 'ବିଶେଷ ବ୍ୟବହାର' ଦିଆଯିବା ଉଚିତ୍ ନୁହେଁ । "ଯଦି ଖେଳାଳିମାନଙ୍କୁ 'ଏକ ପିଢ଼ିର ଖେଳାଳି' ବୋଲି କହି ସମର୍ଥନ କରାଯିବା ଉଚିତ, ତେବେ ସମସ୍ତଙ୍କୁ ସେହି ସମର୍ଥନ ଦିଆଯାଉ । ଯଶସ୍ୱୀ ଜୟସ୍ୱାଲ ଜଣେ ଏପରି ଖେଳାଳି । ପନ୍ତ ୫୦ଟି ଟେଷ୍ଟ ଖେଳି ସାରିଲେଣି ଏବଂ ସେ ଦାୟିତ୍ୱ ନେବା ଉଚିତ । ରିଷଭ ପନ୍ତଙ୍କଠାରୁ ମୁଁ ଯାହା ଆଶା ରଖିଛି,ତାହା ଏପର୍ଯ୍ୟନ୍ତ ପାଇନାହିଁ । ମୁଁ ଏଥିପାଇଁ ବହୁତ ଦୁଃଖିତ ।' ସୋନାଲ ଦିନୁଶାଙ୍କ ସଂପର୍କରେ ସେ କହିଥିଲେ ଯେ ଦିନୁଶାଙ୍କ ଷ୍ଟ୍ରାଇକ୍ ହାର ବିନା ରିସ୍କରେ ବହୁତ ଭଲ ଥିଲା । ଯେତେବେଳେ ଖେଳ ଆପଣଙ୍କ ହାତରେ ଥାଏ, ଲୋକମାନେ କୁହନ୍ତି, 'ରିଷଭ ଏହିପରି ଖେଳନ୍ତି ।'

## ଡିଜିପି-ଆଇଜିପି ସମ୍ମିଳନୀ

# ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ହେଉ ଜିରୋ ଟଲରେନ୍ସ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ରାଜ୍ୟସ୍ତରୀୟ ଡିଜିପି ଏବଂ ଆଇଜିପି ସମ୍ମିଳନୀ ଅବସରରେ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ଆଇନ ଶୃଙ୍ଖଳା, ଆଭ୍ୟନ୍ତରୀଣ ସୁରକ୍ଷା, ସାଇବର ସୁରକ୍ଷା ଏବଂ ଭବିଷ୍ୟତର ପୋଲିସିଂ ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ପୋଲିସ ସଂସ୍କାର ପାଇଁ ପ୍ରତ୍ୟେକ ପ୍ରସ୍ତାବ ଓ ଗୁରୁତ୍ୱପୂର୍ଣ୍ଣ ଦିଗକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱର ସହ ନେବା ସହିତ ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ପାଇଁ ସରକାର ସମସ୍ତ ସାଧନ, ଅନୁଦାନ ଓ ପ୍ରଶାସନିକ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।ଆରକ୍ଷୀ ଅଧୀକ୍ଷକ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ସେମାନଙ୍କ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ୧୦ଟି ମୁଖ୍ୟ ପରାମର୍ଶ ଓ ନିର୍ଦ୍ଦେଶ ଦେଇଛନ୍ତି। ଏଗୁଡିକ ହେଲା ଜିରୋ ଟଲରେନ୍ସ ନୀତି, ଦଣ୍ଡବିଧାନ ହାର ବୃଦ୍ଧି, ନିଶାମୁକ୍ତ ଓଡ଼ିଶା, ତଟରେଖା ଓ ସାମୁଦ୍ରିକ ସୁରକ୍ଷା, ସାଇବର ସୁରକ୍ଷା ଓ ଡାର୍କ ୱେବ୍, ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ, ଥାନା ଆଧୁନିକୀକରଣ , ପୋଲିସର ଜନସାଧାରଣଙ୍କ ପ୍ରତି ନମ୍ର, ସମ୍ବେଦନଶୀଳ ଓ ଭରସାଯୋଗ୍ୟ ବ୍ୟବହାର, 'ଦାଦା ବଟି' ଓ ଚାନ୍ଦା ଆଦାୟ ଉପରେ ରୋକ୍, ଦୁର୍ନୀତିମୁକ୍ତ ଓ ସମର୍ପିତ ପୋଲିସିଂ ।ମୁଖ୍ୟମନ୍ତ୍ରୀ ସାଧାରଣ ନାଗରିକଙ୍କ ପ୍ରତି ପୋଲିସର ନମ୍ର ଓ ସମ୍ବେଦନଶୀଳ ବ୍ୟବହାର ଉପରେ ସବୁଠାରୁ ଅଧିକ ଗୁରୁତ୍ୱ



ଦେଇଛନ୍ତି। ଥାନାକୁ ଆସୁଥିବା ପ୍ରତ୍ୟେକ ଅଭିଯୋଗକାରୀ ଜଣେ ପୀଡ଼ିତ, ତେଣୁ ସେମାନଙ୍କ ସହ ସହାନୁଭୂତିପୂର୍ଣ୍ଣ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହିଳାଙ୍କ ପ୍ରତି ହେଉଥିବା ହିଂସା ଏବଂ ସଂଗଠିତ ଅପରାଧ ବିରୋଧରେ ସରକାର 'ଜିରୋ ଟଲରେନ୍ସ' ନୀତି ଆପଣାଇଛନ୍ତି। ତଦନ୍ତ ପ୍ରକ୍ରିୟାକୁ ଅଧିକ ବୃତ୍ତିଗତ ଓ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପାର୍ବଣ ଋତୁ ଆଗତ ହେଉଥିବାରୁ 'ଦାଦା ବଟି' ଓ ବେଆଇନ ଜୋର-ଜବରଦସ୍ତି ଚାନ୍ଦା ଆଦାୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ।କେବଳ ଜବତ ଓ ଗିରଫଦାରୀରେ ସୀମିତ ନରହି, ନିଶାଦ୍ରବ୍ୟ ଓ ବେଆଇନ ଚାଲାଣର ମୂଳ ଯୋଗାଣ ଏବଂ ଆର୍ଥିକ ସିଣ୍ଡିକେଟକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ୫୭୫ କିଲୋମିଟର ଦୀର୍ଘ ତଟରେଖାର ସୁରକ୍ଷା ଓ ସାମୁଦ୍ରିକ ସୀମା ଦେଇ ହେଉଥିବା ଅନୁପ୍ରବେଶକୁ ରୋକିବା ପାଇଁ ଓଡ଼ିଶା ପୋଲିସ ଗ୍ରହଣ କରିଥିବା ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି। ସାଇବର ଅପରାଧ ଓ ଆର୍ଥିକ ଠକେଇ ରୋକିବା ପାଇଁ ବ୍ୟାପକ ସଚେତନତା ସହ ନୂତନ ଟେକ୍ନୋଲୋଜି ଓ 'ଡାର୍କ ୱେବ୍' ଉପରେ ନଜର ରଖିବାକୁ ପୋଲିସକୁ ପରାମର୍ଶ ଦିଆଯାଇଛି । ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି ଏବଂ ୫,୮୧୭ଟି ପଦବୀ ପୂରଣ କରାଯାଇଥିବା ନେଇ ସେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ପୋଲିସ ଅଧିକାରୀଙ୍କ ସହ ସିଧାସଳଖ ଭାବ ବିନିମୟ କରି ସେମାନଙ୍କ କାର୍ଯ୍ୟକ୍ଷେତ୍ରର ସମସ୍ୟା ଓ ଅଭିଜ୍ଞତା ସମ୍ପର୍କରେ ପଚାରି ବୁଝିଥିଲେ ।

# ରାଖୀ ପୂର୍ଣ୍ଣିମାରେ ଭଉଣୀଙ୍କୁ ଖୁସି କଲେ ମୁଖ୍ୟମନ୍ତ୍ରୀ

ନୟାଗଡ଼(ରା.ରି): ରାଖୀ ପୂର୍ଣ୍ଣିମା ଅବସରରେ ଭାଇଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ । ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷାବନ୍ଧନରେ 'ସୁଭଦ୍ରା' ସହାୟତା ପ୍ରଦାନ କରି ଜଣେ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ଠାରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ କହିଛନ୍ତି । ସ୍ଥାନୀୟ ଲାଠିପଡ଼ାଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟି ଟଙ୍କା ପ୍ରଦାନ କରାଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ 'ସୁଭଦ୍ରା' ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତୀକରଣର ପ୍ରତୀକ ଏବଂ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା । ଆଇଆଇଏମ୍ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧୃତ କରି ସେ କହିଥିଲେ ଯେ ପ୍ରାୟ ୮୦ ପ୍ରତିଶତ ମହିଳା 'ସୁଭଦ୍ରା' ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନକରି ଦୀର୍ଘ ମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି । ୮୭.୧୯ ପ୍ରତିଶତ ହିତାଧିକାରୀ 'ସୁଭଦ୍ରା'କୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି । ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି । ନୟାଗଡ଼ର ରଞ୍ଜୁବାଳା ଓ ସୌଦାମିନୀ ନନ୍ଦ, ଗଞ୍ଜାମର ଗୌରୀ ସାହୁ, ସୁବର୍ଣ୍ଣପୁରର ଭାରତୀ ଜଗଦଳ, ଏବଂ କୋରାପୁଟର ଆରତୀ ଖୋସଲାଙ୍କ ଭଳି ଉଦ୍ୟମୀ ଭଉଣୀମାନଙ୍କ ସଫଳତାର କାହାଣୀ ରାଜ୍ୟର ଅନ୍ୟ ମହିଳାମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି ।

ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି । ଏହାସହ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଏବଂ ରାଜ୍ୟ ବଜେଟରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ । ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତିରେ ୧୧୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍ ଶୀଘ୍ର ନୟାଗଡ଼ ଚିନିକଳ ପ୍ରତିଷ୍ଠା ସହିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ ।

ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ 'ସୁଭଦ୍ରା' ଯୋଜନା ରାଜ୍ୟର ଏକ କୋଟିରୁ ଅଧିକ ମା'ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି । ମହିଳା ଓ ଶିଶୁବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, 'ସୁଭଦ୍ରା' ହେଉଛି ମା'ଭଉଣୀମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ । ରାଖୀ ପୂର୍ଣ୍ଣିମା ଅବସରରେ 'ଆମ ବସ୍'ରେ ମା' ଓ ଭଉଣୀମାନଙ୍କ ପାଇଁ ମାଗଣା ଯାତ୍ରା ସୁବିଧା କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଥିଲେ । ପୁରୀ ସାଂସଦ ଡା. ସମ୍ବିତ ପାତ୍ର ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଧାର୍ଯ୍ୟ ସମୟ ପୂର୍ବରୁ ଉଭୟ ଓ ରାଜ୍ୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର 'ସୁଭଦ୍ରା' ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଏହାସହ 'ସୁଭଦ୍ରା' ବାର୍ଷିକ ରିପୋର୍ଟ ୨୦୨୫-୨୬, ଏସ୍‌ବିଆଇ ସର୍ଭେ ରିପୋର୍ଟ ଓ 'ସୁଭଦ୍ରା' ସମୀକ୍ଷା ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁବିକାଶ ବିଭାଗ କମିସନର ତଥା ଶାସନ ସଚିବ ଡ. ମୃଣାଳିନୀ ଦରସ୍ୱାଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଖଣ୍ଡପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହିଳା ଓ ଶିଶୁବିକାଶ ବିଭାଗ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ, ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




# ରାଜୀବ ଗୌଡ଼ାଙ୍କୁ ଭେଟିଲେ ବରିଷ୍ଠ ସାମ୍ବାଦିକ ଭରତ ଚନ୍ଦ୍ର ଲେଙ୍କା ଓ ଓଡ଼ିଆ କମ୍ୟୁନିଟି ର ପ୍ରମୁଖ ଦିଲ୍ଲୀପ କୁମାର ମିଶ୍ର

ବାଙ୍ଗାଲୋର,୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):କର୍ଣ୍ଣାଟକ ରାଜ୍ୟର କଂଗ୍ରେସର ବରିଷ୍ଠ ନେତା ଶ୍ରୀ ରାଜୀବ ଗୌଡ଼ାଙ୍କୁ ଭେଟିଲେ ବରିଷ୍ଠ ସାମ୍ବାଦିକ ଭରତ ଚନ୍ଦ୍ର ଲେଙ୍କା ଏବଂ ଓଡ଼ିଆ କମ୍ୟୁନିଟି ର ପ୍ରମୁଖ ଦିଲ୍ଲୀପ କୁମାର ମିଶ୍ର । ସେ AICC Researchର ଅଧ୍ୟକ୍ଷ, ପୂର୍ବତନ ସାଂସଦ, Karnataka State Institute for Transformationର ଅଧ୍ୟକ୍ଷ, ପୂର୍ବତନ RBI ନିର୍ଦ୍ଦେଶକ ଏବଂ ପୂର୍ବତନ IIM Bangalore ପ୍ରଫେସର ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଏହି ସାକ୍ଷାତକାର ସମୟରେ କର୍ଣ୍ଣାଟକରେ ରହୁଥିବା ପ୍ରବାସୀ ଓଡ଼ିଆ ଏବଂ ଦାଦନ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ଅଧିକାର ଓ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା ହେଲା । ଏଥିସହ ଓଡ଼ିଶା ଓ କର୍ଣ୍ଣାଟକ ମଧ୍ୟରେ ସୁସମ୍ପର୍କ ଆହୁରି ମଜବୁତ କରିବା ନେଇ ମଧ୍ୟ ଆଲୋଚନା କରାଯାଇଛି ।



ଶ୍ରୀ ରାଜୀବ ଗୌଡ଼ା ଜଣେ ଶାନ୍ତ, ସରଳ ଓ ସୁଚରିତ୍ର ରାଜନେତା । ଆମ ଆଲୋଚନା ପରେ ଖୁବ୍ କମ୍ ଦିନ ମଧ୍ୟରେ ପ୍ରବାସୀ ଓଡ଼ିଆମାନଙ୍କ ସହ ଏକ ବିଶେଷ ବୈଠକ ଆୟୋଜନ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ବୈଠକଟି କେବେ ଏବଂ କେଉଁ ସ୍ଥାନରେ ହେବ, ସେନେଇ ଖୁବ୍ ଶୀଘ୍ର ସୂଚନା ଦିଆଯିବ । ଅନ୍ୟପଟେ, ଓଡ଼ିଶାର 'ଦାଦନ' ପ୍ରସଙ୍ଗକୁ ନେଇ ରାଜନୀତି କରି କ୍ଷମତାକୁ ବର୍ତ୍ତମାନ ର ସରକାର ଆସିବାର ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ ଦାଦନ ଶ୍ରମିକମାନଙ୍କ ସମସ୍ୟା ପ୍ରତି ସରକାରଙ୍କ ଆଶାନୁରୂପ ଧ୍ୟାନ ଦିଆଯାଇନାହିଁ । ଏହାକୁ ନେଇ ଏହାକୁ ନେଇ ପ୍ରବାସୀ ଦାଦନ ଓଡ଼ିଆମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି ।

ଆଶା କରାଯାଉଛି , କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କମିଟିର ସହଯୋଗରେ ପ୍ରବାସୀ ଓଡ଼ିଆ ଓ ଦାଦନ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ଦିଗରେ ଖୁବ୍ ଶୀଘ୍ର ଠୋସ୍ ପଦକ୍ଷେପ ନିଆଯିବ ।

# ଜାଡିମଙ୍ଗଳା ସାହିତ୍ୟ ସଂସଦର ରକ୍ଷା ବନ୍ଧନ ଉତ୍ସବ ଓ ସମ୍ବର୍ଦ୍ଧନା



କଟକ, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ଜାଡିମଙ୍ଗଳା ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ କଟକ ଚୌଧୁରୀବଜାରସ୍ଥିତ ଗୋପାଳଜୀଉ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ନାଟ୍ୟକାର ସଞ୍ଜିତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମହନ୍ତ ସୃଜନ ଦାଶ ମହାରାଜ ଉଦ୍‌ଘାଟନ କରିଥିବା ବେଳେ ବିଶିଷ୍ଟ ସାହିତ୍ୟିକ ଡ. ବାବାଜୀ ଚରଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବରେଣ୍ୟ ଅତିଥି ଭାବେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ରବୀନ୍ଦ୍ର କୁମାର ବସ୍ତିଆ, ସମାଜସେବୀ ଲଲାଟେନ୍ଦୁ ବଡୁ, ଶିକ୍ଷାବିତ୍ ଡ. କିଶୋର ଚନ୍ଦ୍ର ଦାସ, କର୍ପୋରେଟର ବନଲତା ପ୍ରଧାନ ଓ କବି ଲକ୍ଷ୍ମୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

ଏହି ଅବସରରେ ସମାଜସେବୀ ପ୍ରଶାନ୍ତ କୁମାର ରାଉତ, କବି ଛବିରାଣୀ ପତି, ଲେଖିକା ଭଗବତୀ ଖଟୁଆ ଓ ପ୍ରଭାତ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଦୀପ ଦାସ ମାନପତ୍ର ପାଠ କରିଥିଲେ । ସଂସଦର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।କବି ବସନ୍ତ କୁମାରୀ ନନ୍ଦ ରାଖୀ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅନନ୍ତ ସଙ୍ଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆକର୍ଷଣୀୟ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ଉତ୍ସବରେ ରାଖୀ ବନ୍ଧା ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ମଧ୍ୟ ସମ୍ପନ୍ନ ହୋଇଥିଲା । ଶେଷରେ ରଞ୍ଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଭଉଣୀମାନଙ୍କ ସହିତ ନିଆରା ଢଙ୍ଗରେ ବିଧାୟକ ହିମାଂଶୁଙ୍କ ରକ୍ଷାବନ୍ଧନ ଉତ୍ସବ ପାଳନ



ଧର୍ମଶାଳା, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ): ରକ୍ଷାବନ୍ଧନ କେବଳ ଏକ ସୂତା ନୁହେଁ । ଏହା ହେଉଛି ଜୀବନ ସାରା ଭଉଣୀଙ୍କୁ ରକ୍ଷା କରିବାର ପ୍ରତିଜ୍ଞା । ହେଉଛି ବବିତ୍ର ରକ୍ଷାବନ୍ଧନ ପର୍ବ ଦେଶ ସାରା ମହା ଆଡମ୍ବର ସହକାରେ ଏହି ପର୍ବ ପାଳିତ ହେଉଛି । ଭାଇ ଭଉଣୀର ଏହି ଅତୁଟ ସ୍ନେହ ଓ ବିଶ୍ୱାସର ପର୍ବ ଘରେ ଘରେ ପାଳିତ ହୋଇଛି । ବିଭିନ୍ନ ପଂଚାୟତରୁ ଆସିଥିବା । ଏହିକ୍ରମରେ ଏକ ନିଆରା ଢଙ୍ଗରେ ଜାରକାସ୍ଥିତ ଧର୍ମଶାଳା ଷ୍ଟାଡିୟମ ପରି ସରରେ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୫୪ ଗୋଟି ପଂଚାୟତର ଭଉଣୀ ମାନଙ୍କ ସହିତ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛନ୍ତି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ । ଏହି ପବିତ୍ର ପର୍ବ ଅବସରରେ ଆଜି ସକାଳୁ ବିଧାୟକ ଶ୍ରୀ ସାହୁ ଷ୍ଟାଡିୟମ ହଲରେ ପହଁଚି ନିର୍ବାଚନମଣ୍ଡଳୀରଭଉଣୀ ଓ ମାମାନଙ୍କର ଆଶିର୍ବାଦ ନେବା ସହ ସେମାନଙ୍କ ଠାରୁ ନିଜ ହାତରେ ରାକ୍ଷୀ ବାନ୍ଧିଥିଲେ । ଏକ ନିଆରା ଢଙ୍ଗରେ ବିଧାୟକ ଶ୍ରୀ ସାହୁ ନିଜ ନିର୍ବାଚନ ମଣ୍ଡଳୀର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଭଉଣୀ ମାନଙ୍କ ଠାରୁ ରାକ୍ଷୀ ବାନ୍ଧିଥିଲେ। ଭଉଣୀମାନେ ବିଧାୟକଙ୍କ ମୁଣ୍ଡରେ ସିନ୍ଦୁର ଟୋପା ଲଗାଇବା ସହିତ ବନ୍ଦାପନା କରି ତାଙ୍କ ହାଟରେ ରାକ୍ଷୀ ବାନ୍ଧିଥିଲେ। ପବିତ୍ର ରକ୍ଷାବନ୍ଧନ ଅବସରରେ ନିର୍ବାଚନମଣ୍ଡଳୀରେ ରହୁଥିବା ସମସ୍ତ ଭଉଣୀମାନଙ୍କ ସୁରକ୍ଷା ଦାୟିତ୍ୱ ତାଙ୍କର ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ । ଏହି ପର୍ବରେ ବିଧାୟକଙ୍କୁ ଭଲ ପାଇବାର ଏକ ନିଦର୍ଶନ ଆଜି ଦେଖିବାକୁ ମିଳିଥିଲା । ପବିତ୍ର ରକ୍ଷାବନ୍ଧନ ପର୍ବରେ ଭଉଣୀମାନଙ୍କର ଉତ୍ସାହ ଉଦ୍ଦିପନା ସ୍ପଷ୍ଟ ବାରି ହୋଇଯାଉଥିଲା । ଏହି ଅବସରରେ ବିଧାୟକ ଶ୍ରୀ ସାହୁ ସମସ୍ତ ଭଉଣୀ ଓ ମାମାନଙ୍କୁ ଉପହାର ସ୍ୱରୁପ ସାଢୀ ପ୍ରଦାନ କରିଥିଲେ।

# ନିଟ୍ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ଲାପଟପ ପ୍ରଦାନ କଲେ ବିଧାୟକ

ଗଡ଼ମଧୁପୁର, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ଛାତ୍ରଛାତ୍ରୀଙ୍କ ଉତ୍ସାହ ବଢ଼ାଇବା ସହ ମେଧାବୀ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ ଏକ ପ୍ରଶଂସନୀୟ ପଦକ୍ଷେପ ନେଇଛନ୍ତି । ଧର୍ମଶାଳା ବ୍ଲକ ମଧୁପୁରଗଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁକୁଡ଼ାଖାଳେଇ ଗ୍ରାମର ମେଧାବୀ ଛାତ୍ରୀ ରୋନାଲି ବେହେରା ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଞ୍ଚଳ ପାଇଁ ଗୌରବ ଆଣିଥିବାରୁ ତାଙ୍କୁ ଏକ ଲାପଟୋପ ପ୍ରଦାନ କରିଛନ୍ତି। ବିଧାୟକ। ଛାତ୍ରୀ ରୋନାଲିଙ୍କ ଡାକ୍ତର ହେବାର ସ୍ୱପ୍ନକୁ ଆହୁରି ସୁଦୃଢ଼ କରିବା ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଲାପଟୋପଟି ତାଙ୍କ ପାଇଁ ଉପଯୋଗୀ ହେବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ମେଧା, ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଛାତ୍ରଛାତ୍ରୀମାନେ ନିଜ ଅଞ୍ଚଳର ନାମକୁ ଗୌରବାନ୍ୱିତ କରିପାରିବେ ବୋଲି ସେ ପ୍ରକାଶ କରିଥିଲେ । ବିଧାୟକଙ୍କ ଏହି ପଦକ୍ଷେପ ରୋନାଲିଙ୍କ ପରିବାର ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ଓ ଉତ୍ସାହ ସୃଷ୍ଟି କରିଛି । ମେଧାବୀ ଛାତ୍ରଛାତ୍ରୀଙ୍କୁ ଏଭଳି ପ୍ରୋତ୍ସାହନ ଦେବା ଦ୍ୱାରା ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ପାଇବେ ।



# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ପ୍ରଦାନ

ଧର୍ମଶାଳା, ୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଲୋକଙ୍କୁ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ପରିଚାଳିତ ଅଂଶୁମାନ ମେମୋରିଆଲ



ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭାବ ଅନାଟନ ଓ ରୋଗରେ ପୀଡିତ ଲୋକମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସଦାସର୍ବଦା ସହାୟତା ପ୍ରଦାନ କରାଯାଉଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ପୁଅର ଡିପ୍ଲୋମାରେ ନାମ ଲେଖାଇବା ପାଇଁ ସମ୍ପାରୁ ପଂଚାୟତ କାଦୁଆମାଗୁରା ଗ୍ରାମର ଟୁନା ମଲିକ, ଅଭାବ ଅନାଟନରେ ଥିବା ଚୋରମୁହାଁ ପଂଚାୟତ ବାଲିଗରି ଗ୍ରାମର ଲିପୁନା ପରିଡା, ଅଭାବ ଅନାଟନରେ ଥିବା ଚୋରମୁହାଁ ପଂଚାୟତ ବାଲି ଗରି ଗ୍ରାମର ବଟକୃଷ୍ଣ ଦାସ, ପୁଅର ଡିପ୍ଲୋମାରେ ନାମ ଲେଖାଇବା ନିମନ୍ତେ ସମ୍ପାରୁ ପଂଚାୟତ କାଦୁଆମାଗୁର ଗ୍ରାମର ଗୁଡୁନି ମଲିକ, ଅଭାବ ଅନାଟନରେ ଥିବା ଚୋରମୁହାଁ ପଂଚାୟତ ବଲିଗରି ଗ୍ରାମର ଚିଲ୍ଲା ପାରିଡା, ଝିଅ ବାହାଘର ନି ମନ୍ତେ ସମ୍ପାରୁ ପଂଚାୟତ କାଦୁଆମାଗୁରା ଗ୍ରାମର ପୁରୁଷୋତମ ସାହୁ, କ୍ୟାନସର ରୋଗରେ ପୀଡିତ ନଠୁଆବର ପଂଚାୟତ ଆଦମପୁର ଗ୍ରାମର ବିନୋଦ ଦାସ, ଝିଅର ପାଠପଢା ଲାଗି ନଠୁଆବର ପଂଚାୟତ ଆଦମପୁର ଗ୍ରାମର ପ୍ରଭାତ ପାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିସହଟ୍ରଷ୍ଟ ତରଫରୁ ଉଚ୍ଚଶିକ୍ଷା ନିମନ୍ତେ ରସୁଲପୁର ବ୍ଲକ ଖଣ୍ଡିତର ଗ୍ରାମର ସୋମ୍ୟଜିତ ପତିଙ୍କୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଂଚି ସହାୟତା ପ୍ରଦାନ କରିଛନ୍ତି । ଗରିବ ଓ ଅସହାୟ ଲୋକମାନଙ୍କୁ ଏଭଳି ସହାୟତା ଯୋଗାଇ ଦେବା ପାଇଁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସର୍ବଦା ପ୍ରସ୍ତୁତ ରହିଛି ବୋଲି ବିଧାୟକ ଶ୍ରୀ ସାହୁ କହିଛନ୍ତି ।

# ଖଣି ଆଇନ ସଂଶୋଧନ ପ୍ରସଙ୍ଗକୁ ଓଡିଶା ରାଜନୀତି ସରଗରମ

ଭୁବନେଶ୍ୱର୩୧।୮ (ଆପଣଙ୍କ ସ୍ୱର ବ୍ୟୁରୋ):ଜାନିକଟରେ ସଂସଦରେ ବିବାଦୀୟ ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ (ଏମ୍ଏମ୍‌ଡିଆର୍) ସଂଶୋଧନ ଅଧିନିୟମ ଗୃହୀତ ହୋଇ ଆଇନରେ ପରିଣତ ହୋଇଛି । ନୂଆ ଆଇନକୁ ନେଇ ରାଜନୈତିକ ବିତର୍କ ଚାଲିଛି । ଏହି ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦଙ୍କୁ ପତ୍ର ଲେଖି ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ରକ୍ଷା ନିମନ୍ତେ ଏମ୍ଏମ୍‌ଡିଆର୍ ଆଇନ ସଂଶୋଧନକୁ ପ୍ରତ୍ୟାହାର ପାଇଁ ଦାବି କରିବାକୁ ଆହ୍ୱାନ ଜଣାଇଛନ୍ତି ।ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ସାଂସଦ ଭାବେ ଆପଣମାନେ ସଂସଦରେ ଓଡ଼ିଶାବାସୀଙ୍କ ପ୍ରତିନିଧିତ୍ୱ କରିଆସୁଛନ୍ତି । ଓଡ଼ିଶାବାସୀ ସେମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଶ୍ୱାସର ସହ ଆପଣମାନଙ୍କୁ ନିର୍ବାଚିତ କରିଛନ୍ତି । କିନ୍ତୁ ଉଦ୍‌ବେଗର ବିଷୟ ହେଉଛି ଆପଣମାନେ ଏଭଳି ଏକ ମନମୁଖୀ ବିଧେୟକକୁ ସମର୍ଥନ କରି କେବଳ ଓଡ଼ିଶାର କ୍ଷତି କରିନାହାନ୍ତି, ବରଂ ଲୋକଙ୍କ ବିଶ୍ୱାସ ଉପରେ କୁଠାରଘାତ କରିଛନ୍ତି । ଅଗଷ୍ଟ ୧୩, ୨୦୨୬ ଦିନ ଆପଣମାନଙ୍କ ସମର୍ଥନରେ ଲୋକସଭାରେ ଏମ୍ଏମ୍‌ଡିଆର୍ ସଂଶୋଧନ ବିଲ୍ ଗୃହୀତ ହୋଇଥିଲା । ଏହି ଦିନଟିକୁ ଓଡ଼ିଶାବାସୀ ଏକ କଳା ଦିବସ ଭାବେ ମନେ ରଖିବେ । ଓଡ଼ିଶାର ସ୍ୱାର୍ଥ ଓ ଆମ ପିଲାଙ୍କ ଭବିଷ୍ୟତ ଉପରେ ଗଭୀର ପ୍ରଭାବ ପକାଉଥିବା ଏହି ଆଇନ ଆପଣମାନଙ୍କ ଉପସ୍ଥିତିରେ ମାତ୍ର ଦଶ ମିନିଟ୍‌ର ଆଲୋଚନାରେ ଗୃହୀତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ।

ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ଅଧିନିୟମ, ୨୦୨୬କୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓଡ଼ିଶାର ବିଜେପି ସାଂସଦମାନଙ୍କୁ ଲେଖିଥିବା ଚିଠିର ପ୍ରତ୍ୟୁତ୍ତର ରଖିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ତଥ୍ୟକୁ ଗୋପନ ରଖି ଏବଂ ମିଛରେ ଭୟ ସୃଷ୍ଟି କରି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବା ଗ୍ରହଣୀୟ ନୁହେଁ ବୋଲି ସେ ମତ ରଖିଛନ୍ତି । ସାଂସଦ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ଗଣତନ୍ତ୍ରରେ ରାଜନୈତିକ ଆଲୋଚନା ଏକ ସ୍ୱାଭାବିକ ପ୍ରକ୍ରିୟା ହୋଇଥିଲେ ହେଁ ସଂସଦରେ ଓଡ଼ିଶାର ସ୍ୱର ଭାବରେ ଜାତୀୟ ବିକାଶ ସହ ରାଜ୍ୟ ଅର୍ଥନୀତିର ବ୍ୟାପକତା ଏବଂ ସଂରଚନାଗତ ସ୍ୱାର୍ଥ ରକ୍ଷା କରିବା ଆମର ପ୍ରାଥମିକ ଦାୟିତ୍ୱ । ଏମ୍ଏମ୍‌ଡିଆର ସଂଶୋଧନ ଅଧିନିୟମ-୨୦୨୬ ହେଉଛି ଏକ ଐତିହାସିକ ପଦକ୍ଷେପ ଯାହା ଅର୍ଥନୈତିକ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ରାଜ୍ୟ ରାଜସ୍ୱର ସୁରକ୍ଷା ଏବଂ ନାଗରିକମାନଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବ । ଓଡ଼ିଶା ନିଜର ରାଜସ୍ୱ ଅଂଶ ହରାଇବ ବୋଲି ବିରୋଧୀ ଦଳ ନେତାଙ୍କ ଆଶଙ୍କା ସମ୍ପୂର୍ଣ୍ଣ ତଥ୍ୟହୀନ । ନୂତନ ଆଇନ ଅନୁଯାୟୀ, ଖଣି କ୍ଷେତ୍ରରୁ ମିଳୁଥିବା ମୋଟ ରାଜସ୍ୱର ପ୍ରାୟ ୯୦% ସିଧାସଳଖ ରାଜ୍ୟ ରାଜକୋଷକୁ ଯିବ । ଓଡ଼ିଶା ନିଜର ନିଲାମ ପ୍ରିମିୟମ୍‌ର ୧୦୦%, ରୟାଲଟିର ୧୫% ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିର ସମସ୍ତ ଅଂଶ ପୂର୍ବପରି ପାଇବ । ଅନ୍ୟପକ୍ଷରେ ୨୦୧୪ ପୂର୍ବରୁ ମନମୁଖୀ ଭାବରେ ଅସ୍ୱଚ୍ଛ ଉପାୟରେ ନିଜ ପସନ୍ଦର ପରିବାର ଓ ସଂସ୍ଥାମାନଙ୍କୁ ଖଣି ବଣ୍ଟନ କରାଯାଉଥିଲା ।

ଆପଣଙ୍କ ସ୍ୱର
ଏକ ନିରପେକ୍ଷ ଖବରକାଗଜ
ଆପଣଙ୍କ ସ୍ୱର ଆମର ଶକ୍ତି
PRGI/R.N.I No: ORMUL/25/A5279
APANANKA SWAR
Regd. Off- At- Jaleswarpur, Po- Kundapatana, Dist- Jajpur, Odisha, 755008
Head Office : Plot No- 1275/5111, Mukundaprasada, Near Prafulla Palace, Khordha- 752057
Email ID :- apanankaswar@gmail.com

Sub Editor :Rajib Kumar Pradhan
ସହ ସମ୍ପାଦକ: ରାଜୀବ କୁମାର ପ୍ରଧାନ
Website-www.apanankaswar.in

Owned, Published & Edited By-Ajay Kumar Behera, .at.: Jaleswarpur Po.: Kundapatana Gp: Uttar Pratap Via: Dharmasala , Jajapur, Odisha - 755008. &Printed At Swabalamban Process Pvt Ltd, Plot No 376, Bidanasi, Sahara Kumbharsahi, Near Baseli Mandira Of Chahata, Cuttack, Odisha - 753014. Mail id: apanankaswar@gmail.com Mobile no..7978443815

Editor: Ajay Kumar Behera
ସମ୍ପାଦକ: ଅଜୟ କୁମାର ବେହେରା